**ନିରାଡମ୍ବରରେ ଲକ୍ଷ୍ମୀ ପୂଜା**

ଲହୁଣୀପଡ଼ା(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ କୁଆଁରପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣା ଯୋଗୁ ବିଗତ ବର୍ଷମାନଙ୍କ ଭଳି ଚଳିତବର୍ଷ ନିରାଡମ୍ବରରେ ପୂଜା ହୋଇଥିଲା। ଆକର୍ଷଣୀୟ ତୋରଣ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମିଳି ନ ଥିଲେ ମଧ ପ୍ରାୟ ଗ୍ରାମ ଗୁଡିକରେ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଥିବା ଦେଖିବାକୁ ମିଳିଛି।




# ତଦନ୍ତରେ ପୋଲିସର ଅବହେଳା ଅଭିଯୋଗ

## ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁର ୧୦ ଦିନ ବିତିଲା

**ଦେବଗଡ଼/ରିଆମାଳ, ୨୧।୧୦(ଡି.ଏନ.ଏ.)**

ଦେବଗଡ଼ ଜିଲା ରିଆମାଳ ଥାନା ରେଙ୍ଗାଲପାଲି ଗ୍ରାମର ଚତୁର୍ଥ ଶ୍ରେଣୀ ଛାତ୍ରୀ ରତନୀ ପ୍ରଧାନ (୧୦)ଙ୍କ ମୃତଦେହ ଆମ୍ବଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯିବା ଘଟଣାର ଇତି ମଧ୍ୟରେ ୧୦ଦିନ ବିତିଯାଇଛି। ମାତ୍ର ଏହା ହତ୍ୟା ନା ଆତ୍ମହତ୍ୟା ଘଟଣା ତାହା ଅଦ୍ୟାବଧି ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟ ପକ୍ଷରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ରିଆମାଳ ଥାନା ଅଧିକାରୀ ଗୋପବନ୍ଧୁ ବେହେରା ପ୍ରକାଶ କରୁଥିବାବେଳେ ପୋଲିସର ତଦନ୍ତ ପ୍ରକ୍ରିୟା ନେଇ ପ୍ରଶ୍ନ ଉଠାଇଛନ୍ତି ରତନୀଙ୍କ ପରିବାର ଏବଂ ଗାଁ ଲୋକ। ଏପରିକି ସେମାନେ ଏହି ଘଟଣାକୁ ଏକ ହତ୍ୟା ଘଟଣା ବୋଲି ଦର୍ଶାଇବା ସହ ରତନୀଙ୍କୁ ପଡୋଶୀମାନେ କୌଣସି କାରଣରୁ ହତ୍ୟା କରିବା ପରେ ଆତ୍ମହତ୍ୟାର ରୂପ ଦେବା ପାଇଁ ଗଛରେ ରଶି ଲଗାଇ ଝୁଲାଇ ଦେଇଥିବା ଅଭିଯୋଗ କରିଛନ୍ତି। ସେହିପରି ରତନୀଙ୍କ ମୃତଦେହ ଉଦ୍ଧାର ହେବା ପରଠାରୁ ତଦନ୍ତ ପାଇଁ ପୋଲିସ ଉକ୍ତ ଗ୍ରାମକୁ ଯାଇ ନ ଥିବା ଦର୍ଶାଇ ରିଆମାଳ ଥାନା ପୋଲିସ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଥିବା ମଧ ଅଭିଯୋଗ କରିଛନ୍ତି। ରତନୀଙ୍କ ପିତା ନାରାୟଣ ପ୍ରଧାନଙ୍କ କହିବା ଅନୁଯାୟୀ ସେ ଦୀର୍ଘ ୫ବର୍ଷ ହେଲା ତାଙ୍କର ଦ୍ୱିତୀୟ ସ୍ତ୍ରୀ ସୁମିତାଙ୍କ ସହ ଅନୁଗୋଳ ଜିଲା ଗହମସ୍ଥିତ ଏକ ଆଶ୍ରମରେ ରହୁଥିବାବେଳେ ରେଙ୍ଗାଲପାଲି ଗ୍ରାମସ୍ଥିତ ତାଙ୍କ ଘରେ ପ୍ରଥମ ସ୍ତ୍ରୀ ତିଳୋତ୍ତମା ଓ ଝିଅ ରତନୀ(୧୦)ରହୁଥିଲେ। ଗତ ୧୨ ତାରିଖ ସନ୍ଧ୍ୟାରେ ଝିଅ ରତନୀ ଗୁରୁତର ଅସୁସ୍ଥ ଥିବା ଗ୍ରାମବାସୀଙ୍କ ଠାରୁ ସୂଚନା ପାଇ ତତ୍‌କ୍ଷଣାତ ଘରକୁ ଫେରିଆସିଥିବା ସହ ବାଡିପଟ ଆମ୍ବ ଗଛରେ ରତନୀଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ରିଆମାଳ ଥାନା ପୋଲିସକୁ ସୂଚନା ଦେବାରୁ ପୋଲିସ ସେଠାରେ ପହଞ୍ଚିଥିଲା। ତେବେ ଏହାର ପରଦିନ ଅର୍ଥାତ୍ ୧୩ ତାରିଖ ପୂର୍ବାହ୍ନରେ ଗଛରୁ ରତନୀଙ୍କ ଝୁଲନ୍ତା ମୃତଦେହ ତଳକୁ ଓହ୍ଲାଇବା ସହ ପଞ୍ଚନାମା କରାଯାଇଥିଲା। ଏହି ସମୟରେ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରି ରତନୀଙ୍କୁ ହତ୍ୟା କରାଯାଇଥିବା କୁଆଡେ ପୋଲିସ ତାଙ୍କୁ କହିଥିଲା। ଏଥିସହ ରତନୀଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ତାଙ୍କୁ ହସ୍ତାନ୍ତର କରିଥିଲା। ମାତ୍ର ଏହା ପରଠାରୁ ଥରେ ମଧ ତଦନ୍ତ ପାଇଁ ସେଠାକୁ ଯାଇ ନ ଥିଲା। ଫଳରେ ପୋଲିସର ତଦନ୍ତ ପ୍ରକ୍ରିୟାରେ ସନ୍ଦେହ ହେବାରୁ ନାରାୟଣ ଏକାଧିକବାର ରିଆମାଳ ଥାନାକୁ ଯାଇ ପଚାରି ବୁଝିଥିଲେ। ଏପରିକି ରତନୀଙ୍କୁ ତାଙ୍କର ଜଣେ ପଡୋଶୀ ହତ୍ୟା କରି ଗଛରେ ଝୁଲାଇ ଦେଇଥିବା ଅଭିଯୋଗ କରିଥିଲେ ହେଁ ପୋଲିସ ଏ ଘଟଣାକୁ ଅତ୍ୟନ୍ତ ହାଲୁକା ଭାବେ ଗ୍ରହଣ କରିବା ସହ ଝିଅ ଆତ୍ମହତ୍ୟା କରିଛନ୍ତି କହି ଅଧିକ ତଦନ୍ତର ଆବଶ୍ୟକତା ନ ଥିବା ଦର୍ଶାଇଥିଲେ। ଅନ୍ୟପକ୍ଷରେ ଏତଲାର ନକଲ ମାଗିବାରୁ ରିଆମାଳ ଥାନା ଅଧିକାରୀ ବେହେରା ଦିନ ଗଡାଇ ଚାଲିବା ସହ ବାରମ୍ବାର ଦୌଡିବା ପରେ ମଙ୍ଗଳବାର ୧୯ ତାରିଖରେ ଏତଲାର ନକଲ ପ୍ରଦାନ କରିଥିଲେ। ଫଳରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପୂର୍ବରୁ ରତନୀଙ୍କ ମୃତ୍ୟୁ ହତ୍ୟାଜନିତ ନା ଆତ୍ମହତ୍ୟା ରିଆମାଳ ଥାନା ପୋଲିସ କିଭଳି ଜାଣିଲା ବୋଲି ନାରାୟଣ ପ୍ରଶ୍ନ ଉଠାଇଛନ୍ତି। ସେହିପରି ରେଙ୍ଗାଲପାଲି ଗ୍ରାମବାସୀ ମଧ ନାରାୟଣଙ୍କ ସ୍ୱରରେ ସ୍ୱର ମିଳାଇବା ସହ ଦେବଗଡ ଏସ୍‌ପି ନିଜେ ଏ ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି। ତେବେ ଅଭିଯୋଗ ସମ୍ପର୍କରେ ରିଆମାଳ ଥାନା ଅଧିକାରୀ ଗୋପବନ୍ଧୁ ବେହେରାଙ୍କ ମତାମତ ଲୋଡିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ରିପୋର୍ଟ ଅଧାରରେ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ରାଜଗାଙ୍ଗପୁରରେ ଲକ୍ଷ୍ମୀ ପୂଜା

**ରାଜଗାଙ୍ଗପୁର, ୨୧।୧୦(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌରାଞ୍ଚଳ ଓ ପଞ୍ଚାୟତସ୍ତରରେ ବିଭିନ୍ନ ସ୍ଥାନରେ ଲକ୍ଷ୍ମୀ ପୂଜା ପାଳିତ ହେଉଛି। ତନ୍ମଧ୍ୟରୁ ମୁଖ୍ୟତଃ ଆଇଟି କଲୋନିରେ ଦୀର୍ଘ ୨୩ବର୍ଷ ଧରି ହୋଇଆସୁଥିବା ଗଜଲକ୍ଷ୍ମୀ ପୂଜା, ୧୫ ବର୍ଷ ଧରି ହୋଇଆସୁଥିବା ଗୋସାଲା ପୂଜା କମିଟିରେ ଲକ୍ଷ୍ମୀ ପୂଜା, ଲିପଲୋଇ ଲକ୍ଷ୍ମୀ ପୂଜା କମିଟି, କମ୍ୟୁନିଟି ସେଣ୍ଟର ସାର୍ବଜନୀନ ଲକ୍ଷ୍ମୀ ପୂଜା କମିଟି, ମହତାବ ରୋଡ ଲକ୍ଷ୍ମୀ ପୂଜା କମିଟି, ମହୁଲଡିହି ପୂଜା କମିଟି, ସାଉଥ୍ କଲୋନି ପୂଜା କମିଟି, ଦୁର୍ଗା ପୂଜା କମିଟି ପଦାଜାମପାଲି ଇତ୍ୟାଦି ସ୍ଥାନରେ କରୋନା କଟକଣା ଅନୁଯାୟୀ ନିରାଡମ୍ବର ଭାବେ ପାଳନ କରାଯାଉଛି। ମା ଲକ୍ଷ୍ମୀଙ୍କ ପୂଜା ମଙ୍ଗଳବାର ରାତିରେ ଆରମ୍ଭ ହୋଇଛି।

## ସ୍ୱାସ୍ଥ୍ୟକର୍ମୀ ସମ୍ମାନିତ

**ରାଜଗାଙ୍ଗପୁର, ୨୧।୧୦(ଡି.ଏନ.ଏ.)**

ଭାରତ ବର୍ଷରେ ୧୦୦କୋଟି କୋଭିଡ୍ ଟିକାକରଣ ହୋଇପାରିଥିବା ଖୁସିରେ ରାଜଗାଙ୍ଗପୁର ପୂର୍ବତନ ପୌରାଧକ୍ଷା ଶଶିରେଖା ସାମଲଙ୍କ ନେତୃତ୍ୱରେ ଭାଜପା ମହିଳା ମୋର୍ଚ୍ଚା ଓ ଯୁବ ମୋର୍ଚ୍ଚା ଦ୍ୱାରା ସରକାରୀ ଚିକିତ୍ସାଳୟରେ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁର ଭାଜପା ମହିଳା ମୋର୍ଚ୍ଚା ସଭାପତି ସୁଭଦ୍ରା ରାଉତ, ରାଜୀବ ଭଦ୍ର, ରାଜନ ସୋନି ଉପସ୍ଥିତ ଥିଲେ।

## କଂଗ୍ରେସ ପକ୍ଷରୁ ବିକ୍ଷୋଭ


ସୁନ୍ଦରଗଡ଼ଠାରେ ପ୍ରତିବାଦ ସଭାରେ କଂଗ୍ରେସ ନେତା, କର୍ମୀ।

**ସୁନ୍ଦରଗଡ଼, ୨୧।୧୦(ଡି.ଏନ୍.ଏ.)**

ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାକୁ ନେଇ ସାରା ରାଜ୍ୟରେ ବିରୋଧୀ ରାଜନୈତିକ ଦଳଗୁଡିକ ଶାସକ ବିଜେଡିକୁ ହରଡଘଣାରେ ପକାଇଛନ୍ତି। ଏହି ଘଟଣାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ସୁନ୍ଦରଗଡ଼ଠାରେ ଜିଲା କଂଗ୍ରେସ ପକ୍ଷରୁ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀଙ୍କ ନେତୃତ୍ୱରେ ସ୍ଥାନୀୟ ଡିଆରଡିଏ ଛକଠାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ କଳାହାଣ୍ଡି ଜିଲା ମହାଲିଙ୍ଗଠାରେ ଥିବା ଏକ ଘରୋଇ ବିଦ୍ୟାଳୟ ଅଧ୍ୟକ୍ଷା ମମିତାଙ୍କୁ ଯେଭଳି ବର୍ବରୋଚିତ ଭାବେ ହତ୍ୟା କରାଗଲା ତାହା ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଥିଲେ। ଏହି ଘଟଣାର ନିରପେକ୍ଷ ଭାବେ ତଦନ୍ତ କରାଯାଇ ସମ୍ପୃକ୍ତ ରାଜନେତା ଓ ଅନ୍ୟମାନଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଥିଲା। ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି, ପ୍ରଦେଶ ମହିଳା କଂଗ୍ରେସର ପୂର୍ବତନ ଉପସଭାପତି ଦେବସ୍ମିତା ସାମଲ, ବିନିତା ନାଏକ, କଳ୍ପନା ଆପଟ, ଅମିତା ବିଶ୍ୱାଳ, ଜିଲା ମହିଳା ସଭାନେତ୍ରୀ ସରୋଜିନୀ ବାଙ୍କରା, ଜିଲା କଂଗ୍ରେସ ଉପସଭାପତି ଅଜିତ ପ୍ରସାଦ, ସାଧାରଣ ସମ୍ପାଦକ ପର୍ଶୁରାମ ସରାଫ, କାଳୀପଦ ସାମଲ, ଟାଉନ କଂଗ୍ରେସ ସଭାପତି ନେପାଳ ଚନ୍ଦ୍ର ସାହୁ, ଜିଲା ଯୁବ କଂଗ୍ରେସ ସଭାପତି ଆଲବର୍ଟ କିଣ୍ଡୋ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଦେବଗଡ଼ରେ ପୋଲିସ ଶହୀଦ ଦିବସ

**ଦେବଗଡ଼,୨୧।୧୦(ଡି.ଏନ.ଏ.)**

ସ୍ଥାନୀୟ ରିଜର୍ଭ ପୋଲିସ୍ ପଡ଼ିଆଠାରେ ଗୁରୁବାର ୬୨ତମ ଜିଲାସ୍ତରୀୟ ଓଡ଼ିଶା ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ମୃତି ପରେଡ଼ରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ପି ରାଜକିଶୋର ପାଇକରାୟ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଏହା ସହ ବିଭିନ୍ନ ସମୟରେ ଦେଶ ପାଇଁ ଶହୀଦ ହୋଇଥିବା ଅମର ଯବାନମାନଙ୍କର ସ୍ମୃତିଚାରଣ କରିଥିଲେ। ଏହା ପରେ ଏସ୍‌ପି ପାଇକରାୟ ଶହୀଦ ସ୍ତମ୍ଭରେ ପୁଷ୍ପଗୁଚ୍ଛ ଅର୍ପଣ ପୂର୍ବକ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବଗଡ଼ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ମଧ ମଞ୍ଚାସୀନ ଥିଲେ। ଅତିଥି ଭାବେ ୪ର୍ଥ ଆଇଆର୍‌ବି ବାଟାଲିୟନର କମାଣ୍ଡାଣ୍ଟ ସୁବାସଚନ୍ଦ୍ର ତ୍ରିପାଠୀ, ଡେପୁଟି କମାଣ୍ଡାଣ୍ଟ ପ୍ରଶାନ୍ତ ନାୟକ ଓ ବସନ୍ତ ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋଜ କୁମାର ଉପାଧ୍ୟାୟ ଓ ଜଳ ବିଭାଜିକା ମିଶନର ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଏସ୍‌ପି (ଡିଆଇବି) ପ୍ରଦୀପ କେର୍କେଟ୍ଟାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସର୍ଜେଣ୍ଟ ଗୋବିନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ପରେଡ ଆୟୋଜିତ ହୋଇଥିଲା।



## ମୂର୍ତ୍ତି ବିସର୍ଜନ ପାଇଁ କୃତ୍ରିମ ପୋଖରୀ

**ରାଉରକେଲା ଅଫିସ:** ରାଉରକେଲାରେ କୋଭିଡ କଟକଣା ମଧ୍ୟରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଳନ କରାଯାଇଛି। ମା' ଲକ୍ଷ୍ମୀଙ୍କ ବିସର୍ଜନ ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ବାଲୁଘାଟଠାରେ ଏକ ଅସ୍ଥାୟୀ କୃତ୍ରିମ ପୋଖରୀ ନିର୍ମାଣ କରାଯାଇଛି। ଏହି କୃତ୍ରିମ ପୋଖରୀରେ ବିସର୍ଜନ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ପୂଜା କମିଟିର ସଦସ୍ୟମାନଙ୍କୁ ଅନୁରୋଧ କରାଯାଇଛି। ବିସର୍ଜନ ସମୟରେ କୌଣସି ପ୍ରକାର ଅଘଟଣକୁ ଏଡାଇବା ପାଇଁ ଅଗ୍ନିଶମ ଅଧିକାରୀଙ୍କୁ ମୃତୟନ ରହିବାକୁ ରାଉରକେଲା ଅତିରିକ୍ତ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ଇଣ୍ଟରସିଟି, ଏସ୍କାଲେଟର ଚଳାଇବାକୁ ଜିଏମ୍‌ଙ୍କୁ ଦାବିପତ୍ର

**ସମ୍ବଲପୁର,୨୧।୧୦(ବ୍ୟୁରୋ):** ସମ୍ବଲପୁର- ପୁରୀ ଇଣ୍ଟରସିଟି ଟ୍ରେନ ଓ ସମ୍ବଲପୁର ଷ୍ଟେଶନରେ ଲାଗିଥିବା ଏସ୍କାଲେଟର ଚଳାଇବାକୁ ଦାବି ହୋଇଛି। ଗୁରୁବାର ସମ୍ବଲପୁର ରେଳମଣ୍ଡଳ କାର୍ଯ୍ୟାଳୟରେ ଇଷ୍ଟକୋଷ୍ଟ ଜିଏମ୍ ବିଦ୍ୟା ଭୂଷଣଙ୍କୁ ଉତ୍କଣ୍ଠା ପରିବାର ସଦସ୍ୟ ଭେଟି ଆଲୋଚନା କରିଛନ୍ତି। ଏହି ସମୟରେ ଡିଆର୍‌ଏମ୍ ପ୍ରଦୀପ କୁମାରଙ୍କ ସମେତ ଅନୁଷ୍ଠାନର ସଦସ୍ୟ ତଥା ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ମହେନ୍ଦ୍ର ମିଶ୍ର, ଫଣିନ୍ଦ୍ର ପ୍ରଧାନ, ସଞ୍ଜୀବ ମିଶ୍ର, ଅନିଳ ପାଣିଗ୍ରାହୀ, ସୁବ୍ରତ ମହାନ୍ତି, ଡାକ୍ତର ସଞ୍ଜୀବ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଦର୍ଶାଇଥିଲେ, ସମ୍ବଲପୁର- ପୁରୀ ଇଣ୍ଟରସିଟି ବନ୍ଦ ହେବାରୁ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାବାସୀଙ୍କୁ ଯାତାୟାତରେ ସମସ୍ୟା ହେଉଛି। ଏହା ସହ ସମ୍ବଲପୁର ଷ୍ଟେଶନରେ ବହୁ ଦିନରୁ ଏସ୍କାଲେଟର ବନ୍ଦ ହୋଇପଡିଛି। ଫଳରେ ବୃଦ୍ଧ ଓ ଦିବ୍ୟାଙ୍ଗ ଯାତ୍ରୀମାନେ ଯିବାଆସିବାରେ ସମସ୍ୟା ଭୋଗୁଛନ୍ତି। ତେଣୁ ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି କରିଥିଲେ।

### ମଦ ଜବତ: ୨ ଗିରଫ

**କୁଚିଣ୍ଡା,୨୧।୧୦(ଡି.ଏନ.ଏ.):** ମହୁଲପାଲି ପୋଲିସ ଗୁରୁବାର ସନ୍ଧ୍ୟାରେ ଜରାବଗା ରୋଡ ଅମଲିଖମନଠାରେ ଚଢାଉ କରି ୨୦ଲିଟର ଦେଶୀମଦ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ କୁଚିଣ୍ଡା ୫ନଂ. ୱାର୍ଡ ବାସିନ୍ଦା ମନୋଜ ଛତ୍ରିଆ (୨୯) ଓ ୪ନଂ. ୱାର୍ଡର ଉମେଶ ବାଘ (୩୬)। ସେମାନେ ବ୍ୟବହାର କରୁଥିବା ବାଇକ୍ (ନଂଓଡି୧୫ଏଚ୮୪୭୫)କୁ ପୋଲିସ ଜବତ କରିଛି। ଏ ନେଇ ମହୁଲପାଲି ଥାନାରେ ଏକମାମଲା(ନଂ.୧୩୫/୨୧)ରୁଜୁ ହୋଇଛି।

### ପରଲୋକରେ ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ

**ସମ୍ବଲପୁର,୨୧।୧୦(ବ୍ୟୁରୋ):** ସମ୍ବଲପୁର ସାକ୍ଷିଗୋପିନାଥପଡା ନିବାସୀ



ଡାକ୍ତର ଦୀପ୍ତିବାଳା ପଟ୍ଟନାୟକ (୮୬)ଙ୍କ ଗୁରୁବାର ପରଲୋକ ହୋଇଛି। ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ହୋଇ ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୱାଇଁ ସନ୍ତୋଷ ପ୍ରଧାନ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ଖବର ପାଇ ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗାହୀ, ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ, ରେଢାଖୋଲ ବିଧାୟକ ରୋହିତ ପୂଜାରୀ ପ୍ରମୁଖ ଶୋକ ବାର୍ତ୍ତା ଦେଇଛନ୍ତି। ଡାକ୍ତର ପଟ୍ଟନାୟକ ୪୦ବର୍ଷ ଧରି ସ୍ୱାସ୍ଥ୍ୟସେବା ଦେଇଥିଲେ। ସମ୍ବଲପୁର ଜିଲାରେ ଏଡିଏମ୍‌ଓ ଓ ସିଡିଏମ୍‌ଓ ଭାବେ କାର୍ଯ୍ୟ କରିଥିଲେ। ସୁନ୍ଦରଗଡ ଜିଲାରେ ସିଡିଏମ୍‌ଓ ରହିବା ସହ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶିକା ଭାବେ ଚାକିରିରୁ ଅବସର ନେଇଥିଲେ।

## ବନ୍ୟପ୍ରାଣୀ ମାରି ପୋତିବା ଘଟଣା

# ମାଟିଖୋଳି ହାଡ଼, ପାଉଁଶ ଜବତ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ ଅନ୍ତର୍ଗତ ଠର୍ଲି ଗ୍ରାମ ନିକଟ ମୁଣ୍ଡେର-ଡୁମ୍ବେରଚୁଆଁ ସଂରକ୍ଷିତ ଜଙ୍ଗଲର ଶାଗୁଆନ ବଣରେ ଦନ୍ତାହାତୀ ମାରି ପୋତି ଦିଆଯାଇଥିବା ଚର୍ଚ୍ଚା ହୋଇଥିଲା। ଏ ନେଇ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟରେ ଲଗାତର ଖବର ପ୍ରକାଶ ପାଉଛି। ଗୁରୁବାର ବନ ବିଭାଗ କର୍ମଚାରୀ ଠିକଣା ସ୍ଥାନରେ ମାଟିଖୋଳି ହାଡ଼, ପାଉଁଶ ଜବତ କରିଛନ୍ତି। ଘଟଣାସ୍ଥଳରେ ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବର, ଏସିଏଫ୍ ମଦନଲାଲ ଶର୍ମା ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଜବତ ହୋଇଥିବା ହାଡ଼ ଓ ପାଉଁଶ ପରୀକ୍ଷା ପାଇଁ ଲ୍ୟାବକୁ ପଠାଯିବ। ଏହା କେଉଁ ବନ୍ୟ ପ୍ରାଣୀର ସେ ରିପୋର୍ଟକୁ ଅପେକ୍ଷା କରାଯାଇଛି। ମୃତଦେହ ଅବଶେଷ ମିଳିଥିବାରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ବନ୍ୟପ୍ରାଣୀ ମୃତଦେହ ପୋତାଯାଇଥିବା ସ୍ଥାନରେ ଖୋଳାଯାଉଛି।

ସେହିପରି ପରିପାର୍ଶ୍ୱରେ ପୋଡ଼ାଜଳା ହୋଇଥିବାରୁ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରିବାକୁ ଏସିଏଫ୍ ମଦନଲାଲ ଶର୍ମାଙ୍କୁ ଦାୟିତ୍ୱ ଦିଆଯାଇଥିବା ଡିଏଫ୍‌ଓ ନୀଳାମ୍ବର କହିଛନ୍ତି। ଅନ୍ୟପଟେ ଶିକାରୀମାନେ ଦନ୍ତାହାତୀ ଶିକାର କରି ଦାନ୍ତ ନେଇଯାଇଛନ୍ତି। ଅପରାଗତା ଲୁଚାଇବା ଓ କାର୍ଯ୍ୟାନୁଷ୍ଠାନ ଭୟରେ ମୃତଦେହକୁ ପ୍ରଥମେ ପୋଡିଦେଇ ପରେ ୪ଟି ସ୍ଥାନରେ ଖଣ୍ଡ ଖଣ୍ଡ କରି ପୋତିଦେବା ଘଟଣା ଏବେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ହରଡ଼ଘଣାରେ ପକାଇଛି।

ତଦନ୍ତ ସମୟରେ ପ୍ରାଣୀଧନ ବିଭାଗ ଡାକ୍ତର, ବନ୍ୟପ୍ରାଣୀ ବିଶେଷଜ୍ଞ, ସାଇଣ୍ଟିଫିକ ଟିମ୍ କିମ୍ବା ସନ୍ଧାନୀ କୁକୁର

### ଲ୍ୟାବ ରିପୋର୍ଟକୁ ଅପେକ୍ଷା

ସହାୟତା ନିଆଗଲା ନାହିଁ। ପୁଣି ଘଟଣାରେ ସମ୍ପୃକ୍ତି ଅଭିଯୋଗ ଥିବା କର୍ମଚାରୀ ତରବରିଆ ଭାବେ କିଛି ଫୁଟ୍ ଗାତ ଖୋଳିଥିଲେ। ସେଠାରୁ ହାଡ଼ ଓ ପାଉଁଶ ବାହାରିବା ଖବର ପାଇ ଅଧିକାରୀମାନେ ପହଞ୍ଚିଥିଲେ। ସେମାନେ ମଧ୍ୟ ପୋଡ଼ାଯାଇ ପୋତା ହୋଇଥିବା ସ୍ଥାନ ଦେଖିଥିଲେ। ହେଲେ ୪ଟି ସ୍ଥାନ ବଦଳରେ ଗୋଟିଏ ସ୍ଥାନରେ ଖୋଳାଯାଇଥିଲା। ଏଥିରୁ ମାମଲାକୁ ଚପାଇ ଦେବାକୁ ବନ ବିଭାଗ ଯଥା ସମ୍ଭବ ଚେଷ୍ଟା କରୁଥିବା ସ୍ପଷ୍ଟ ହେଉଛି। କୌଣସି ବନ୍ୟପ୍ରାଣୀ ହେଉ କି ଦନ୍ତା ହାତୀର ମୃତ୍ୟୁ ଘଟିଛି। ତାହାକୁ ପୁଣି ପୋଡିବା ପରେ ପୋତି ଦିଆଯାଇଛି। ଏ ସମ୍ପର୍କରେ କାର୍ଯ୍ୟରତ ବନ କର୍ମଚାରୀ କିଭଳି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ ଉଠୁଛି। ଖବର ପ୍ରକାଶ ପାଇବା ପରେ ପ୍ରଥମ ଦିନରେ ଏସିଏଫ୍ ଶର୍ମା ତଦନ୍ତ କରି ଫେରିଥିଲେ। ସେ ବିଭିନ୍ନ ଗାଡ଼ି ଚକ ଚିହ୍ନ ପଡିଥିବା ଯୋଗୁ ସନ୍ଦେହ କରିଥିଲେ। ଘଟଣା ସମ୍ପର୍କରେ ଜଣେ ପ୍ରତ୍ୟକ୍ଷଦର୍ଶୀ କହିବା ଅନୁସାରେ ଜଙ୍ଗଲ ଭିତରେ ବନ୍ୟପ୍ରାଣୀଙ୍କ ପାଇଁ ପୋଖରୀ ଖନନ କରାଯାଇଛି। ଏହି ପୋଖରୀ ନିକଟ ରାଶିଆଟ ରାସ୍ତାର କିଛି ଦୂରରେ ଦନ୍ତାର ଗଳିତ ମୃତଦେହ ପଡିରହିଥିଲା। ହାତୀର ଦାନ୍ତ ନ ଥିବାବେଳେ ଶରୀରରେ କ୍ଷତ ରହିଥିଲା। ବନ ବିଭାଗ ସୂଚନା ପାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବା ଆଶଙ୍କାରେ ମୃତଦେହରେ ପେଟ୍ରୋଲ ଢାଳି ପୋଡି ଦେଇଥିଲେ। ଶରୀରର ଅବଶିଷ୍ଟ କେତେକ ଅଂଶକୁ ଗାତ ଖୋଳି ପୋତି ଦେଇଥିଲେ। ଘଟଣା ନେଇ ଆଖପାଖ ମୁଣ୍ଡେର, ଭାବନୀପାଲି, ବାବୁପାଲି, ଠର୍ଲି ଗ୍ରାମରେ ଆଲୋଚନା ହୋଇଥିଲା।

## ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

**କୁଚିଣ୍ଡା, ୨୧।୧୦(ଡି.ଏନ.ଏ.)**

ମହୁଲପାଲି ଥାନା ଅନ୍ତର୍ଗତ ବାଙ୍କେ ପଞ୍ଚାୟତ କଟୁପାଲି ଗ୍ରାମର ସୁଶାନ୍ତ ଲୁହୁରା (୨୨) କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। ସୂଚନା ମୁତାବକ ସୁଶାନ୍ତ ମଙ୍ଗଳବାର ପାରିବାରିକ କଳହରୁ ଘରେ ରଖିଥିବା କୀଟନାଶକ ପିଇଦେଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କୁଚିଣ୍ଡା ମେଡିକାଲରେ ଭର୍ତ୍ତି କରିଥିଲେ। ବୁଧବାର ଅପରାହ୍ନରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ କୁଚିଣ୍ଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

## ଝାରସୁଗୁଡ଼ାରେ ପୋଲିସ ଶହୀଦ ଦିବସ

**ଝାରସୁଗୁଡ଼ା ଅଫିସ,୨୧।୧୦**

ଝାରସୁଗୁଡ଼ା ଜିଲା ପୋଲିସ ତରଫରୁ ସ୍ଥାନୀୟ ଓଏସ୍‌ଏପି ୨ୟ ବାଟାଲିୟନ୍ ପଡିଆରେ ଗୁରୁବାର ୬୨ତମ ପୋଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଓଏସ୍‌ଏପି ସଶସ୍ତ୍ର ଯବାନମାନଙ୍କୁ ନେଇ ପରେଡ୍ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଏସ୍‌ପି ବିକାଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଭିବାଦନ ଗ୍ରହଣ କରିବା ସହ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ଚଳିତବର୍ଷ ସାରାଦେଶରେ ୩୭୭ଜଣ ପୋଲିସ କାର୍ଯ୍ୟରତ ସମୟରେ ଶହୀଦ ହୋଇଥିବା ସୂଚନା ଦେଇଥିଲେ। ଏଥିରେ ଓଏସ୍‌ଏପି ୨ୟ ବାଟାଲିୟନ୍ ଦୁର୍ଗପତି ଆଶିଷ ଦୁବେ, ଉପଦୁର୍ଗପତି ଭବାନୀ ସେଠ୍, ସହକାରୀ ଦୁର୍ଗପତି ମାନ୍ଧତା ସାଏ, ଦିଲୀପ ସାହୁ, ଅତିରିକ୍ତ ଏସ୍‌ପି ଲମ୍ବୋଦର ବୁଡା, ଏସ୍‌ଡିପିଓ ନିର୍ମଳ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଭାଜପା ମହିଳା, ଯୁବ ମୋର୍ଚ୍ଚାର ପ୍ରତିବାଦ



ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପଦଯାତ୍ରା ।

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଭାଜପା ମହିଳା ମୋର୍ଚ୍ଚା ଓ ଯୁବ ମୋର୍ଚ୍ଚା ପକ୍ଷରୁ ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାର ପ୍ରତିବାଦ କରାଯାଇଛି। ଅପରାହ୍ନରେ କଚେରୀସ୍ଥିତ ଭାଜପା କାର୍ଯ୍ୟାଳୟରୁ ମହିଳା ମୋର୍ଚ୍ଚା କର୍ମକର୍ତ୍ତା ପଦଯାତ୍ରାରେ ବାହାରି ଏସ୍‌ପି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଏକ ପ୍ରତିନିଧି ଦଳ ଏସ୍‌ପି ବାତୁଲା ଗଙ୍ଗାଧରଙ୍କୁ ଭେଟି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ ଦର୍ଶାଇଥିଲେ ମମିତାଙ୍କୁ ଯୋଜନାବଦ୍ଧ

### ଶିକ୍ଷୟିତ୍ରୀ ମମିତା ହତ୍ୟା ଘଟଣା

ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ଶାସକ ଦଳ ଛତ୍ରଛାୟା ତଳେ ରହୁଥିବା ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଛି। ହେଲେ ଅନ୍ୟମାନଙ୍କୁ ଗିରଫ କରାଯାଇ ନାହିଁ। ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି। ତେଣୁ ମନ୍ତ୍ରୀଙ୍କ ଇସ୍ତଫା, ତାଙ୍କ ପରିବାରକୁ ୨୫ ଲକ୍ଷ ସହାୟତା, ନିରପେକ୍ଷ ତଦନ୍ତ କରାଯିବାକୁ ଦାବି କରିଥିଲେ। ଅନ୍ନପୂର୍ଣ୍ଣା ବାରିକଙ୍କ ନେତୃତ୍ୱରେ ରୁନୁ ପ୍ରଧାନ, ସୁଷମା ସାହୁ, କାନ୍ତି ମେହେର, ସୁଜାତା ଗୁରୁ ସାମିଲ ଥିଲେ। ସେହିପରି ସନ୍ଧ୍ୟାରେ ଗୋଲବଜାର ଛକରେ ଯୁବମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଜିଲା ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝିଙ୍କ ନେତୃତ୍ୱରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ଜିଲା ଭାଜପା ସଭାପତି ଗିରିଶ ପଟେଲ, ଦାମ କର, ରାମ ମେହେର, ଦେବେନ୍ଦ୍ର ମହାପାତ୍ର, ମାନସ ରଞ୍ଜନ ବକ୍ସି, ସମୀର ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା କଂଗ୍ରେସର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ବହିଷ୍କାର ଦାବି

**ଝାରସୁଗୁଡ଼ା ଅଫିସ,୨୧।୧୦**

କଳାହାଣ୍ଡି ଜିଲାର ଏକ ଘରୋଇ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେରଙ୍କ ହତ୍ୟାକାଣ୍ଡକୁ ନେଇ ଝାରସୁଗୁଡ଼ା ଜିଲା କଂଗ୍ରେସ କମିଟି ତରଫରୁ ଗୁରୁବାର ଜିଲା ସଭାପତି ଭରତ ଅବସ୍ଥୀଙ୍କ ନେତୃତ୍ୱରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ପ୍ରଶାନ୍ତ ତ୍ରିପାଠୀ ପରିଚାଳନା କରିଥିଲେ। ସଭାରେ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସ୍କୁଲ୍ ମାଲିକ ଗୋବିନ୍ଦ ସାହୁଙ୍କ ସମେତ ଅନ୍ୟ ସହଯୋଗୀ ଅଭିଯୁକ୍ତଙ୍କୁ ଆଇନ୍ ଅନୁଯାୟୀ କଠୋର ଦଣ୍ଡ ବିଧାନ, ମୁଖ୍ୟ ଅଭିଯୁକ୍ତଙ୍କ ସହିତ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତି ରହିଥିବାରୁ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର, ଘଟଣାର ସିବିଆଇ ତଦନ୍ତ ଦାବି କରାଯାଇଥିଲା। ସରକାର ପଦକ୍ଷେପ ଗ୍ରହଣ ନ କଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି କର୍ମକର୍ତ୍ତା ଚେତାବନୀ ଦେଇଥିଲେ। ଏହି ସଭାରେ ଉପସଭାପତି ସୀୟାରାମ ଦାସ, ସାଧାରଣ ସମ୍ପାଦକ ମନିଷ ବାଜପେୟୀ, ସମ୍ପାଦକ ଅଲେଖ କୁମାର, ଟାଉନ୍ କଂଗ୍ରେସ ସଭାପତି ସଞ୍ଜୟ ମହାପାତ୍ର, ଉପସଭାପତି ମହମ୍ମଦ ୱାରିସ୍, ସାଧାରଣ ସମ୍ପାଦକ ଗୁଡୁ ଅବସ୍ଥୀ, ଯୁବ କଂଗ୍ରେସ ସଭାପତି ଶୈଳେଶ ତିୱାରୀ, ଛାତ୍ର କଂଗ୍ରେସ ସଭାନେତ୍ରୀ ନବନିତ କୌର, ଝାରସୁଗୁଡା ବ୍ଲକ୍ ସଭାପତି ଅର୍ଜୁନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିବାଦ ସଭାରେ ଉପସ୍ଥିତ ଜିଲା କଂଗ୍ରେସ କମିଟି ସଦସ୍ୟମାନେ।

## ବିକ୍ଷୋଭ ପ୍ରଦର୍ଶନ କଲା ଭାଜପା, କଂଗ୍ରେସ

**ରାଉରକେଲା ଅଫିସ,୨୧।୧୦**

ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ଘଟଣାର ତାତି ରାଉରକେଲାରେ ଦେଖିବାକୁ ମିଳିଛି। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତି ଅଭିଯୋଗରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଇସ୍ତଫା ଓ ଗିରଫ ଦାବିରେ ରାଉରକେଲା ଜିଲା ମହିଳା କଂଗ୍ରେସ ଓ ଭାରତୀୟ ଜନତା ମହିଳା ମୋର୍ଚ୍ଚା ପକ୍ଷରୁ ଉଦିତନଗର ସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଲତା ନାୟକ, ପ୍ରଭାତି ମିଶ୍ର, ନିରୁପମା ବଳିଆରସିଂଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା। ଏଥିରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି ଭାରତୀୟ ଜନତା ମହିଳା ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସାଧାରଣ ସମ୍ପାଦିକା ଇପ୍‌ସିତା ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଯୋଗ ଦେଇ ମନ୍ତ୍ରୀ ମିଶ୍ରଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ଘଟଣାର ସିବିଆଇ ତଦନ୍ତ ସହିତ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଫାଶି ଓ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ମଧ୍ୟ ଦାବି ହୋଇଥିଲା। ଏଥିରେ ଭାଜପା ମହିଳା ମୋର୍ଚ୍ଚାର କଳ୍ପନା ଲେଙ୍କା, ରଜନୀ ଚୌଧୁରୀ, ସସ୍ମିତା ନାୟକ, ସୁମି ଯାଦବ, ଆରତୀ ଦେବୀ, ଭାରତୀ ସିଂ ଉପସ୍ଥିତ ଥିଲେ।

# ଏନ୍‌ଏଲ୍‌ସିର ପୁରୁଣା ଆମ୍ବୁଲାନ୍ସକୁ ଫେରାଇଦେଲେ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ତଳାବିରା କୋଇଲାଖଣି ଉତ୍ତୋଳନ କରୁଥିବା ଏନ୍‌ଏଲ୍‌ସି କମ୍ପାନୀ ପକ୍ଷରୁ ଗୁରୁବାର ଏକ ଆମ୍ବୁଲାନ୍ସ ଲୋକାର୍ପଣ କରିବା କାର୍ଯ୍ୟକ୍ରମ ରହିଥିଲା। ହେଲେ ଆମ୍ବୁଲାନ୍ସ ୫ବର୍ଷର ପୁରୁଣା ବୋଲି ଅଞ୍ଚଳବାସୀ ଜାଣିବା ପରେ ଏହାକୁ ଫେରାଇ ଦେଇଛନ୍ତି। ଗାଡିର ଫିଟ୍‌ନେସ, ବୀମା, ପ୍ରଦୂଷଣ ସାର୍ଟିଫିକେଟ ନ ଥିଲା। ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ଅଭିଯୋଗ କରିଥିଲେଯେ, କମ୍ପାନୀ ଅଧିକାରୀ ନୂଆଁ




ଗାଡିରେ ବୁଲିବେ। ଗରିବ ବିସ୍ଥାପିତଙ୍କୁ ସିଏସ୍‌ଆର୍ ଅନୁଦାନରେ ଦିଆଯାଉଥିବା ଆମ୍ବୁଲାନ୍ସ ପୁରୁଣା କାହିଁକି ବୋଲି ପ୍ରଶ୍ନ କରିଥିଲେ। ରୋଗୀକୁ ନେବା ସମୟରେ ଗାଡ଼ି ଖରାପ ହୋଇ ଜୀବନ ହାନି ହେଲେ ଦାୟି କିଏ ରହିବ। ଆର୍‌ଟିଓ ଓ ପୋଲିସକୁ ଡାକି ଉକ୍ତ ଗାଡିକୁ ଜିମା ଦିଆଯାଉ ବୋଲି ଦାବି କରିଥିଲେ। କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଯୋଗଦେବାର ଥିଲା। ହେଲେ ପୁରୁଣା ଆମ୍ବୁଲାନ୍ସକୁ ନେଇ ଉତ୍ତେଜନା ଦେଖାଦେବାରୁ ସେମାନେ ଅଧା ବାଟରୁ ଫେରି ଆସିଥିଲେ। ଏ ସମ୍ପର୍କରେ ଏନ୍‌ଏଲ୍‌ସି ମାନବ ସମ୍ବଳ ଅଧିକାରୀ ପ୍ରତାପ ମହାରଣାଙ୍କୁ ପଚାରିବାରୁ ସେ କହିଥିଲେ, ଜରୁରୀ ଥିବାରୁ ଆମ୍ବୁଲାନ୍ସ ଦିଆଯିବା ବ୍ୟବସ୍ଥା କରାଯାଇଥିଲା। ନୂତନ ଆମ୍ବୁଲାନ୍ସ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଖୁବ୍‌ଶୀଘ୍ର ଏହା ଲୋକାର୍ପିତ ହେବ।

## ଚନ୍ଦନମାଲରେ ବିଶ୍ୱ ଖାଦ୍ୟ ଦିବସ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଜଙ୍ଗଲା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଚନ୍ଦନମାଲଠାରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଯାଇଛି। ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କମ୍ପାନୀ ପକ୍ଷରୁ କାର୍ଯ୍ୟକ୍ରମ ହୋଇଥିଲା। ଇଞ୍ଜିନିୟର ଗାନ୍ଧୀ ବେହେରା ଅତିଥି ଭାବେ ଯୋଗଦେଇ ଖାଦ୍ୟ ସୁରକ୍ଷା ବିଷୟରେ ବୁଝାଇଥିଲେ। ଏଥିରେ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଆଙ୍ଗନୱାଡି, ଆଶା କର୍ମୀ ଓ ଆଦିତ୍ୟ କମ୍ପାନୀ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ପ୍ରତିଯୋଗୀମାନେ।

# ନଦୀଜଳ ପ୍ରଦୂଷିତ ନେଇ ଅଧ୍ୟକ୍ଷଙ୍କ ଉଦ୍‌ବେଗ

**ଝାରସୁଗୁଡ଼ା ଅଫିସ,୨୧।୧୦**

ଭାଜପା ରାଜ୍ୟ ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ) ଅଧ୍ୟକ୍ଷ ମହେଶ୍ୱର ସାହୁ ଗୁରୁବାର ଝାରସୁଗୁଡା ଜିଲା ଗସ୍ତରେ ଆସି ଦଳୀୟ କର୍ମକର୍ତ୍ତାଙ୍କ ସହ ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଥିଲେ। ସେ ଭେଡେନ୍ ନଦୀର କାତିକେଲା ଡଙ୍ଗାଘାଟରେ ପହଞ୍ଚି ଦେଖିଥିଲେ ନିକଟରେ ଥିବା ବେଦାନ୍ତ ପ୍ରକଳ୍ପର ବର୍ଜ୍ୟବସ୍ତୁ ସଫେଇ ନାଳ ଦେଇ ଭେଡେନ୍ ନଦୀରେ ମିଶି ପ୍ରଦୂଷିତ ହେଉଛି । ଏହା ସହିତ ବେଦାନ୍ତ କମ୍ପାନୀ

### ଝାରସୁଗୁଡ଼ା ଗସ୍ତରେ ନମାମି ଗଙ୍ଗେ ନଦୀ ସୁରକ୍ଷା ସମିତି

ବେଆଇନ ଭାରିଯାନ ଲଗାଇ ନଦୀରୁ ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ପାଇଥିଲେ। ପରେ ସେ ଇବ୍ ନଦୀର ହିର୍ମା ଡଙ୍ଗାଘାଟରେ ପହଞ୍ଚିଥିଲେ। ସେଠାରେ ଥିବା ଏସ୍‌ଏମ୍‌ସି ପ୍ରକଳ୍ପର ବର୍ଜ୍ୟବସ୍ତୁ ଇବ୍‌ନଦୀରେ ମିଶୁଥିବା ଦେଖିଥିଲେ। ଉଭୟ ନଦୀର ପ୍ରଦୂଷିତ ଜଳ ନମୁନାକୁ ସେ ବୋତଲରେ ସଂଗ୍ରହ କରିଥିଲେ। ପରେ ସେ କୋଲାବିରା ବ୍ଲକ୍ ରଘୁନାଥପାଲି ଫଟିସ୍ କେମିକାଲ୍ ପ୍ରକଳ୍ପ, କାତିକେଲା, କୋଲାବିରା ଓ ସୋଢାମାଲ ଆଦି ବାଲିଘାଟ, ଠେଲକୋଲିସ୍ଥିତ ଭୂଷଣ ପ୍ରକଳ୍ପ, ସେଭେନ୍‌ଷ୍ଟାର୍ ଆଦି ପ୍ରକଳ୍ପ ପରିଦର୍ଶନ କରିଥିଲେ। ପରେ ସମିତି ଅଧ୍ୟକ୍ଷ ସାହୁ ବେହେରାମାଲ ଭାଜପା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ, ଉଭୟ ନଦୀର ଜଳନମୁନା ସଂଗ୍ରହ କରାଯାଇଛି। ଏହାକୁ ଭୁବନେଶ୍ୱର ଲାବରେଟୋରିରେ ପରୀକ୍ଷା କରାଯିବ। ଏ ନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଯଦି ପଦକ୍ଷେପ ଗ୍ରହଣ ନ କରନ୍ତି ତା'ହାଲେ ଆଗାମୀ ଦିନରେ ଭାଜପା ରାଜରାସ୍ତାକୁ ଓହ୍ଲାଇବ। ଏହାସହ ଦଳ ଆଇନର ଅଶ୍ରୟନେଇ ସମ୍ପୃକ୍ତ କମ୍ପାନୀ ବିରୋଧରେ ମାମଲା ରୁଜୁ କରିବ ବୋଲି ଚେତାବନୀ ଦେଇଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହିତ ଜିଲା ଭାଜପା ସଭାପତି ମଙ୍ଗଳ ସାହୁ, ସତ୍ୟନାରାୟଣ ଶର୍ମା, ନେତାଜୀ ପଟ୍ଟନାୟକ, ପ୍ରେମସେନ ରାୟ, ମହେନ୍ଦ୍ର କେଡିଆ, ମହମ୍ମଦ ଖୁର୍ସିଦ୍ ଆଲମ୍ ଖାନ୍, ମହେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ସମିତି ଅଧ୍ୟକ୍ଷ ସଂଗୃହୀତ ନଦୀଜଳ ନମୁନା ଦେଖାଉଛନ୍ତି।

# ଧାରଣା ଦେଲା ବିସ୍ଥାପିତ ମଞ୍ଚ

**ସମ୍ବଲପୁର,୨୧।୧୦(ବ୍ୟୁରୋ)**

ସମ୍ବଲପୁର ମହାନଦୀ କୋଇଲାଖଣି (ଏମ୍‌ସିଏଲ୍) ମୁଖ୍ୟ ଗେଟ ସମ୍ମୁଖରେ ଗୁରୁବାର ଆଞ୍ଚଳିକ ଶିଳ୍ପ ବିସ୍ଥାପିତ ମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦିଆଯାଇଥିଲା। ପରେ ଏମ୍‌ସିଏଲ୍ ଜେନେରାଲ ମ୍ୟାନେଜର (ପର୍ସନାଲ) ଆର୍.ଏଲ୍. ଖାତିକଙ୍କୁ ମଞ୍ଚ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଛି, ଏମ୍‌ସିଏଲ୍ ରାଜ୍ୟରେ ଥିବା ଶିଳ୍ପ ଓ କଳକାରଖାନାକୁ ଆବଶ୍ୟକ ପରିମାଣରେ କୋଇଲା ଯୋଗାଇ ପାରୁନାହିଁ। କମ୍ପାନୀ ବାର୍ଷିକ ୧୪୪ ମିଲିୟନ ଟନ କୋଇଲା ଉତ୍ପାଦନ କରିଥାଏ। ରାଜ୍ୟରେ ଥିବା ୪୦ ବିଦ୍ୟୁତ୍ ଉତ୍ପାଦନ କୋଇଲା କମ୍ପାନୀରେ ପ୍ରାୟ ୮୫ ମିଲିୟନ ଟନ କୋଇଲା ଆବଶ୍ୟକତା ରହିଛି। ଏହା ମୋଟ ଉତ୍ପାଦିତଠାରୁ ପ୍ରାୟ ୬୦ ପ୍ରତିଶତ। ରାଜ୍ୟରେ କୋଇଲା ଅଭାବ ରହିଥିବା ବେଳେ ଅନ୍ୟ ରାଜ୍ୟକୁ ପ୍ରାୟ ୬୫ ପ୍ରତିଶତ ରପ୍ତାନୀ କରାଯାଉଛି। ଏହା



ବିକ୍ଷୋଭ ପରେ ମଞ୍ଚ କର୍ମକର୍ତ୍ତା ଜେନେରାଲ ମ୍ୟାନେଜରଙ୍କୁ ଦାବିପତ୍ର ଦେଉଛନ୍ତି।

### କୋଇଲା ଯୋଗାଇବାରେ ବିଫଳ ଏମ୍‌ସିଏଲ୍

କୋଇଲା ଯୋଗାଣ ନିୟମ ବିରୁଦ୍ଧ। ଓଡ଼ିଶାରେ ଥିବା କମ୍ପାନୀରେ ପ୍ରତିଦିନ ୩୫ ର୍‍ୟାକ୍ କୋଇଲା ଆବଶ୍ୟକ ରହିଛି। ଏବେ କମ୍ପାନୀଗୁଡିକ କୋଇଲା ସଙ୍କଟ ଦେଇ ଗତି କରୁଛି। ଏଥିରେ ନିୟୋଜିତ ଶ୍ରମିକ, ଠିକା କମ୍ପାନୀ କର୍ମଚାରୀଙ୍କୁ ରୋଜଗାର ହାରାଇବାକୁ ପଡିବ। କୋଭିଡ୍ ସମୟରେ କମ୍ପାନୀ ଓ ସାଧାରଣଙ୍କ ଲୋକଙ୍କ ଆର୍ଥିକ ସ୍ଥିତି ବିଗିଡି ଯାଇଛି। ଉପରେ କୋଇଲା ସଙ୍କଟ ଆଉ ଏକ କାରଣ ହୋଇଛି। ଅନୁଷ୍ଠାନ ଆବାହକ ତାପସ ରାୟ ଚୌଧୁରୀ କହିଛନ୍ତି, ଏମ୍‌ସିଏଲ୍ ପକ୍ଷରୁ ଶହେ ପ୍ରତିଶତ କୋଇଲା ରାଜ୍ୟର କମ୍ପାନୀମାନଙ୍କୁ ଯୋଗାଇ ଦିଆଯାଉ। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜାରି ରହିବ।

## ଆରଜିଏଚ୍‌ରେ ସମ୍ବର୍ଦ୍ଧନା ସଭା

**ରାଉରକେଲା ଅଫିସ,୨୧।୧୦**

ଦେଶରେ କରୋନା ଟିକାକରଣ ଶହେ କୋଟି ଲକ୍ଷ୍ୟ ପୂର୍ତ୍ତି ଅବସରରେ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ରେ ଗୁରୁବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆରଜିଏଚ୍‌ର ନିର୍ଦ୍ଦେଶକ ଡାକ୍ତର ସନ୍ତୋଷ ସ୍ୱାଇଁ, ଡାକ୍ତର ଶେଖର କବି ଶତପଥୀ, ଡାକ୍ତରଖାନାର ଅଧୀକ୍ଷକ ଡା. ଜଗଦୀଶ ଚନ୍ଦ୍ର ବାରିକ, ଡାକ୍ତରଖାନା ପରିଚାଳକ ମୋହିତ କୁମାର ଶ୍ରୀବାସ୍ତବ, ଡା. ପୂଜା ପତି ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଗୁରୁବାର ଏହି କାର୍ଯ୍ୟକ୍ରମରେ ୪ଶହ ଡୋଜ ଟିକା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶହେ ତମ, ୨ଶହ ତମ, ୩ଶହ ତମ ଓ ୪ଶହତମ ଡୋଜ୍ ଟିକା ନେଇଥିବା ବ୍ୟକ୍ତିଙ୍କୁ ଡାକ୍ତରଖାନା ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଡାକ୍ତରଖାନାର କୋଭିଡ଼ ଟିକା ପ୍ରଦାନ କରୁଥିବା କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

**ଶୌଚାଳୟରୁ ମୃତଦେହ ଉଦ୍ଧାର**

**ବଲାଙ୍ଗୀର ଅଫିସ:** ବଲାଙ୍ଗୀର ସରକାରୀ ବସଷ୍ଟାଣ୍ଡ ନିକଟ ସୁଲଭ ଶୌଚାଳୟରୁ ଗୁରୁବାର ସକାଳ ପ୍ରାୟ ୮ଟାରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତବ୍ୟକ୍ତି ଜଣକ କିଛି ସମୟ ଆଗରୁ ଶୌଚ ହେବା ପାଇଁ ଶୌଚାଳୟକୁ ଆସିଥିଲେ। ଲାଟ୍ରିନ୍ ଭିତରେ ତାଙ୍କର ମୃତ୍ୟୁ ଘଟିଥିଲା। ଟାଉନ୍ ପୋଲିସ ଟିମ୍ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପଠାଇଛି। ମୃତକଙ୍କ ପରିଚୟ ମିଳିନାହିଁ।




## ସଂକ୍ଷେପରେ

### ବସ୍ କର୍ମଚାରୀଙ୍କୁ ମାଡ଼ ଘଟଣା: ୨ଜଣ ଗିରଫ

**ବିନିକା,୨୧।୧୦(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା-ସିଂଘିଯୁବା ମୁଖ୍ୟରାସ୍ତାର ଜାମପାଳି ମୁଖ୍ୟ ଛକରେ ଜୟଭୋଲେ ଘରୋଇ ବସ୍ କର୍ମଚାରୀଙ୍କୁ ମାଡ଼ ମାରିବା ଘଟଣାରେ ଗୁରୁବାର ୨ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଜାମପାଳିର ପ୍ରଦୀପ ପଧାନ(୩୧) ଓ ପ୍ରକାଶ କର୍ମୀ (୩୮) । ପ୍ରକାଶ ଯେ, ବୁଧବାର ଅପରାହ୍ନ ପ୍ରାୟ ସାଢେ ୩ଟାରେ ଉକ୍ତ ଘରୋଇ ବସର ଚାଳକ ସନ୍ତୋଷ ବାଘ, କଣ୍ଡକ୍ଟର ଅରୁଣ ଭୁଏ ଓ ହେଲପର ବିବେକା ନାଏକଙ୍କୁ ଜାମପାଳି ଗାଁର ୩ ଜଣ ବ୍ୟକ୍ତି ମାଡ ମାରିଥିଲେ। ଗୁରବାର ପୂର୍ବାହ୍ନ ୧୦ଟାରେ ରାଜ୍ୟ ଚାଳକ ମହାସଂଘ ନେତୃତ୍ୱରେ ଜାମପାଳି ଛକଠାରେ ଏହି ଘଟଣାର ପ୍ରତିବାଦ କରି ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା। ପରେ ପାହାଡରେ ମହାସଂଘ ପକ୍ଷରୁ ଏକ ସଭା ହୋଇଥିଲା । ସର୍ବସମ୍ମତି କ୍ରମେ ଏ ନେଇ ବିନିକା ଥାନାରେ ଅପରାହ୍ନ ଗୋଟାଏରେ ମହାସଂଘ ପକ୍ଷରୁ ଏତଲା ଦିଆଯାଇଥିଲା । ଜୟଭୋଲେ ବସ ଚାଳକ ବାଘ ,କଣ୍ଡକ୍ଟର ଏବଂ ହେଲପର ନାଏକ କହିଛନ୍ତି ଯେ, ପ୍ରତିଦିନ ଭଳି ବୁଧବାର ବରଗଡ ଠାରୁ ଖୁଣ୍ଟିଗୁରା ଅଭିମୁଖେ ପାସେଞ୍ଜର ନେଇ ଯାତ୍ରା କରିଥିଲୁ। ପ୍ରତି ଷ୍ଟପେଜରେ ପାସେଞ୍ଜରଙ୍କୁ ଛାଡିବା ପାଇଁ ବସ ଅଟକାଉ ଥିଲୁ । ଜାମପାଳି ଛକରେ ଯାତ୍ରୀ ଓହ୍ଲାଇବା ପାଇଁ ଅପରାହ୍ନ ସାଢେ ୩ଟାରେ ବସ ଅଟକାଇଲୁ । ମାତ୍ର ଜାମପାଳି ଗାଁର ୩ ଜଣ ବ୍ୟକ୍ତି କୌଣସି କାରଣ ନ ଦର୍ଶାଇ ଆମକୁ ପ୍ରବଳ ମାଡ ମାରିଥିଲେ । ଏ ନେଇ ଥାନାରେ ଏକ ମାମଲା (ନଂ.୨୦୬/୨୧) ରୁଜୁ ହୋଇଛି ।

# ତଦନ୍ତ ବାଟବଣା ଆଶଙ୍କା କଲେ ନରସିଂହ

**ବଲାଙ୍ଗୀର ଅଫିସ, ୨୧।୧୦**

- ମୁଖ୍ୟମନ୍ତ୍ରୀ ମୁହଁ ଖୋଲନ୍ତୁ
- ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିରୁ ମହାଲିଙ୍ଗ କଲେଜକୁ ସରକାର ହାତକୁ ନିଅନ୍ତୁ

ମମିତା ମେହେରଙ୍କ ହତ୍ୟା ଲୋମହର୍ଷଣକାରୀ । ଜଣେ ସ୍କୁଲ ସଭାପତି ନିଜର କୁକର୍ମ ଲୁଚାଇବାକୁ ସେହି ସ୍କୁଲ ଅଧକ୍ଷାକୁ ହତ୍ୟା କରିବା ଏବଂ ପ୍ରମାଣ ନଷ୍ଟ କରିବାକୁ ଯାଇ ଯେଉଁ କାଣ୍ଡ ହତ୍ୟାକାରୀ ଗୋବିନ୍ଦ ମେହେର ଭିଆଇଛନ୍ତି ଏହା କଳ୍ପନାତୀତ। ଗୁରୁବାର ସ୍ଥାନୀୟ ସର୍କିଟ ହାଉସ ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏହା କହିଛନ୍ତି ବିଧାୟକ ନରସିଂହ ମିଶ୍ର । ସେ ଆହୁରି କହଛନ୍ତି ଯେ, ଏହି ହତ୍ୟାକାଣ୍ଡର ଯାହା କିଛି ବି ପ୍ରମାଣ ରହିଛି ତାହା ନଷ୍ଟ ହେବାକୁ ଯାଉଛି । ଏଥିପାଇଁ ମୁଖ୍ୟତଃ ସେ ପୋଲିସର ଅପାରଗତାକୁ ଦାୟୀ କରିଥିଲେ ।

ମମିତା ମେହେର ମୃତ ନା ଜୀବିତ ତାହା ପ୍ରମାଣ କରିବାକୁ ହେଲେ ପୋଲିସକୁ ପ୍ରମାଣ ଯୋଗାଡ କରିବାର ଆବଶ୍ୟକତା ରହିଛି। ଦୂରଦର୍ଶିତାର ଅଭାବରୁ ପୋଲିସ ମମିତାଙ୍କ ମୃତଦେହ ପୋଡିବା ଓ ପୋତିବା ସ୍ଥାନରୁ ମିଳିଥିବା ସାମଗ୍ରୀକୁ ସାର୍ବଜନୀନ କରିଦେଇଛି।


ବିଧାୟକ ନରସିଂହ ମିଶ୍ର ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ପରବର୍ତ୍ତୀ ସମୟରେ ଯେତେବେଳେ କୋର୍ଟରେ ଶୁଣାଣି ଆରମ୍ଭ ହେବ ପୋଲିସ ପାଇଁ ସମସ୍ୟା ଆଣିପାରେ ବୋଲି ସେ ସତର୍କ କରିଛନ୍ତି। ଯେହେତୁ ଏହି ଘଟଣାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିକୁ ନେଇ ସନ୍ଦେହ କରାଯାଉଛି ତେଣୁ ପୋଲିସ ନିଷ୍କ୍ରିୟତାରୁ ଅନୁସନ୍ଧାନ ବାଟବଣା ହେବା ସନ୍ଦେହ ଉପୁଜିଛି। ତେଣୁ ଏହି ଘଟଣାର ନିରପେକ୍ଷ ଓ ନିର୍ଭରଯୋଗ୍ୟ ଅନୁସନ୍ଧାନ ପାଇଁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯେତେଶୀଘ୍ର ହେବ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ବିଧାୟକ ମିଶ୍ର କହିଥିଲେ। ଅପରପକ୍ଷରେ ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ସମ୍ମୁଖରେ ମୁହଁ ଖୋଲନ୍ତୁ ବୋଲି ବିଧାୟକ ମିଶ୍ର କହିଥିଲେ। ଗୃହମନ୍ତ୍ରୀ ତାଙ୍କର ଏକ ଭାଷଣରେ ମୁଖ୍ୟମନ୍ତ୍ରୀଙ୍କ ମହାଲିଙ୍ଗ କଲେଜ ପ୍ରତି ସମ୍ପୂର୍ଣ୍ଣ ଆଶୀର୍ବାଦ ରହିଥିବା ଏବଂ ସେ ନିଜେ ଏହି କଲେଜକୁ ବାରମ୍ବାର ଆସୁଥିବା କହିଛନ୍ତି। ତେଣୁ ଏ ସମଗ୍ର ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଗୃହମନ୍ତ୍ରୀ ଉତ୍ତରଦାୟୀ ରହିବା ଉଚିତ ବୋଲି ବିଧାୟକ ମିଶ୍ର କହିଥିଲେ। ଏହି କଲେଜକୁ କାହିଁକି ଓ କେମିତି ଏତେ ପରିମାଣର ଅନୁଦାନ ଆସିଛି ତାହା ଅନୁସନ୍ଧାନ ସାପେକ୍ଷ ବୋଲି କହିଥିଲେ। ମମିତା ହତ୍ୟାକାଣ୍ଡ ତଦନ୍ତ ଭାର ହାଇକୋର୍ଟ କିମ୍ବା ସୁପ୍ରିମକୋର୍ଟଙ୍କ ତଦାରଖରେ ଗଠିତ ଏସ୍ଆଇଟି ଦ୍ୱାରା ତଦନ୍ତ ହେବା ଉଚିତ ବୋଲି କହିଥିଲେ। ଉକ୍ତ ଏସ୍ଆଇଟିରେ ସିବିଆଇ ଅଧିକାରୀ କିମ୍ବା କ୍ରାଇମବ୍ରାଞ୍ଚ ଅଧିକାରୀ ରହନ୍ତୁ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ବିଧାୟକ ମିଶ୍ରଙ୍କ ସହ ଜିଲା କଂଗ୍ରେସ ସଭାନେତ୍ରୀ ମିଳନୀ ସାହୁ ଓ ଜିଲା କଂଗ୍ରେସ ସଭାପତି ଦିଲୀପ ବେହେରା ଉପସ୍ଥିତ ଥିଲେ।

## ମମିତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମହିଳା କଂଗ୍ରେସର ଦାବିପତ୍ର

**ନୂଆପଡ଼ା ଅଫିସ,୨୧।୧୦:** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ କେଗାଁ ଥାନା ଅଧୀନ ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ପରିବାରକୁ ନ୍ୟାୟ ଓ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଇସ୍ତଫା ଦାବିରେ ଗୁରୁବାର ନୂଆପଡ଼ା ଏସ୍ପି ଅଫିସ ଆଗରେ ନୂଆପଡା ମହିଳା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରି ଧାରଣା ଦିଆଯାଇଛି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏସ୍ପି ପ୍ରତ୍ୟୁଷ ଦିବାକରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦୋଷୀ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ମହିଳା କଂଗ୍ରେସ ସଭାନେତ୍ରୀ ଉଷା ଚନ୍ଦ୍ରକାରଙ୍କ ନେତୃତ୍ୱରେ ଧାରଣାରେ ମହିଳା ନେତ୍ରୀ ଝରନ ଚନ୍ଦ୍ରକାର, ଭୂମିକା ଚନ୍ଦ୍ରକାର, ନୂଆଁବାଇ ଲୋହାର, ଯୋଶ ଲୋହାର, ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି, ନୂଆପଡା ବ୍ଲକ ସଭାପତି ଜଗଦୀଶ ସାହୁ, ଦେବେନ୍ଦ୍ର ସାହୁ, ନୂଆପଡା ନଗର ସଭାପତି କୁଳଦୀପ ସୁରଜ, ମନୁ ଚନ୍ଦ୍ରକାର, ମୋତି ରାୱାଲ, ଅଶୋକ ଦଣ୍ଡସେନା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବିଷମୁଲ ବୁଢ଼ାରଜାଙ୍କ ବାର୍ଷିକ ଯାତ୍ରା ଆରମ୍ଭ

**ଲାଞ୍ଜିଗଡ଼,୨୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ସୀମାନ୍ତ ପାହାଡ଼ପଦର ପଞ୍ଚାୟତସ୍ଥିତ ସାଡିଙ୍ଗ ଗୁମ୍ଫାଠାରେ ବିଷମୁଲ ବୁଢ଼ାରଜାଙ୍କ ବାର୍ଷିକ ପର୍ବ ଗୁରୁବାର ଆରମ୍ଭ ହୋଇଯାଇଛି। ପ୍ରଥା ଅନୁଯାୟୀ ଚଳିତ କାର୍ତ୍ତିକ କୃଷ୍ଣପକ୍ଷ ତୃତୀୟା ଗୁରୁବାରଠାରୁ ଶନିବାର ପର୍ଯ୍ୟନ୍ତ ୩ ଦିନ ଧରି ସାଡିଙ୍ଗ ଗୁମ୍ଫାରେ ବିଷମୁଲ ବୁଢାରାଜାଙ୍କ ପର୍ବ ଆରମ୍ଭ ହୋଇଥାଏ। ତିନି ଦିନ ଧରି ଚାଲିବାକୁଥିବା ଏହି ଯାତ୍ରାରେ ପ୍ରଥମ ଦିନରେ ୫ଟି ପଞ୍ଚାୟତ ବିଭିନ୍ନ ଗ୍ରାମର ଝିଅମାନେ ନିକଟସ୍ଥ ନଦୀରୁ କଳସ ପାଣି ଧରି ପାହାଡ଼ ପଦର ପଞ୍ଚାୟତ ପରିକ୍ରମା କରି ବିଷମୁଲ ବୁଢ଼ାରାଜାଙ୍କ ପୀଠକୁ ଆସିଥିଲେ। ପରେ ପୀଠରେ ପୂଜକ ଲୋକନାଥ ମାଝି, ବୁଡୁ ନାଏକ ଓ ଜଗଦୀଶ ପୁଟା ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ଶୁକ୍ଳ ଭୋଗ ଦିଆଯାଇଥିଲା। ଗୋଟିଏ ଲିଙ୍ଗରେ ନଡ଼ିଆ, ଧୂପ, ଓ ମୁହାଁ ଆଦି ଶୁକ୍ଳ ଭୋଗରେ ପୂଜା କରାଯାଇଥିଲା। ମାନସିକ ଧାରିମାନେ ନଡ଼ିଆ ଭାଙ୍ଗି ପୂଜାର୍ଚ୍ଚନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଷମୁଲ ବୁଢ଼ାରାଜା ପୂଜା କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତତ୍ତ୍ୱାବଧାନରେ ପାହାଡ଼ପଦର ପୂର୍ବତନ ସରପଞ୍ଚ କୁଞ୍ଜ ମାଝି, ମାଲିଯୁବାଙ୍ଗ ସରପଞ୍ଚ ଲାଲକୃଷ୍ଣ ମାଝି, ପୂଜା କମିଟି ଉପସଭାପତି କୁମର ନାଏକ, କୋଷାଦକ୍ଷ ବଳଭଦ୍ର ସାହୁ, ଉପଦେଷ୍ଟା କମିଟି ବ୍ୟଦ୍ୟନାଥ ନାଏକ, ଜଗଦୀଶ ପୁଟା, ମଧୁସୂଦନ ନାଏକ, ବନ ମାଝିଙ୍କ ସମେତ କମିଟି ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# କୋଭିଡ୍ କଟକଣାରେ ବୁଢ଼ାରଜାଙ୍କ ବାର୍ଷିକ ଦଶରା ହେବ

**କୋକସରା,୨୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ବୁଢ଼ାରଜାଙ୍କ ବାର୍ଷିକ ଦଶରା ଆସନ୍ତା ୨୩ ତାରିଖ (ଶନିବାର)ରେ ପାଳନ ହେବ। ଗତବର୍ଷ ଭଳି ଚଳିତବର୍ଷ ମଧ ବିନା ଭକ୍ତରେ ବିଧି ରକ୍ଷା ପାଇଁ ନିରାଡ଼ମ୍ବର ପୂଜାର୍ଚ୍ଚନା କରିବାକୁ ନିଷ୍ପତ୍ତି ନିଆଯାଇଛି। ଦଶରା ପାଳନ ହେବ। ଗୁରୁବାର କୋକସରା ତହସିଲ କାର୍ଯ୍ୟାଳୟରେ ଧର୍ମଗଡ଼ ଉପଜିଲାପାଳ ପି. ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ କୋକସରା ତହସିଲଦାର ମନୋଜ କୁମାର ପାଢୀ, ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀ ଧୀରଜ କୁମାର ଚୋପଦାର, ଆମପାଣି ଥାନାଧିକାରୀ ଚତୁର୍ଭୁଜ ନାଏକଙ୍କ ଉପସ୍ଥିତିରେ ବୁଢ଼ାରଜା ପୂଜା କମିଟି କର୍ମକର୍ତ୍ତା ସହ ଆଲୋଚନା କରାଯାଇଛି। ପୂଜା କମିଟି ପକ୍ଷରୁ ଆମପାଣି ସରପଞ୍ଚ ଟିକିଚନ୍ଦ୍ର ଧଙ୍ଗଡ଼ାମାଝି, ଫକିର ମୋହନ ପୂଝାରୀ, ରତ୍ନରାଜ ମାଝି, ତ୍ରିନାଥ ପ୍ରସନ୍ନ ରାୟ, ଜିତେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।



## କ୍ୟାମ୍ପରେ ଚଢ଼ାଉ, ୮ ଦାଦନ ଶ୍ରମିକ ଉଦ୍ଧାର

**ବେଲପଡ଼ା (ଡି.ଏନ.ଏ):** ବଲାଙ୍ଗୀର ଜିଲା ବେଲପଡା ପୋଲିସ ବୁଧବାର ବିଳମ୍ବିତ ରାତିରେ କର୍ଲାବାହାଲି ଗ୍ରାମରେ ଦାଦାନ ଶ୍ରମିକ ଚାଲାଣ ପାଇଁ ରଖାଯାଇଥିବା ଏକ କ୍ୟାମ୍ପରେ ଚଢାଉ କରିଥିଲା। ସେଠାରୁ ୮ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ସହ ୪ଜଣ ଶିଶୁ ବି ଉଦ୍ଧାର ହୋଇଛନ୍ତି। ସର୍ଦ୍ଦାର ପ୍ୟାରୀ ଘରା ଦାଦାନ ଚାଲାଣ ସମ୍ପର୍କିତ କାଗଜ ପତ୍ର ଦେଖାଇ ନ ପାରିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଏ ନେଇ ବେଲପଡା ଥାନାରେ ଏକ ମାମଲା(୨୨୪/୨୧)ରଜୁ କରି ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି ବୋଲି ଥାନା ଆଇଆଇସି ବୁଲୁ ମୁଣ୍ଡା କହିଛନ୍ତି।

### ସଂକ୍ଷେପରେ

## ସୀମା ବିବାଦ: ମରାମତି ହେଉନି ନଳକୂପ



**ଲୋଇସିଂହା,୨୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା-ପନେସରା ରାସ୍ତାର ଚାରିଛକଠାରେ ସ୍ଥାପନ ଥିବା ଏକ ନଳକୂପ ଦୀର୍ଘମାସ ହେଲା ଅଚଳ ହୋଇ ପଡିଛି। ସୀମା ବିବାଦ ଯୋଗୁ ଉକ୍ତ ନଳକୂପ ମରାମତି ହେଉନାହିଁ। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବୁର୍ଡା-ପନେସରା ଓ ଲୋଇସିଂହା-ଲୁହୁରାପାଲି ରାସ୍ତାର ଛାରିଛକରେ ଥିବା ନଳକୂପ ବୁର୍ଡା, ବୁଢ଼ୀପଦର, ଲୋଇସିଂହା ଓ ଲୁହୁରାପାଲି ପଞ୍ଚାୟତର ସୀମାରେ ରହିଛି। ଲୋଇସିଂହା, ଆଗଲପୁର ବ୍ଲକ ସମେତ ସୁବର୍ଣ୍ଣପୁର ଜିଲାର ଲୋକେ ଏହି ରାସ୍ତା ଦେଇ ଗଲାବେଳେ ଉକ୍ତ ନଳକୂପ ଉପରେ ନିର୍ଭର କରିଥାନ୍ତି। ଗତ ୫ ମାସ ହେଲା ନଳକୂପ ଅଚଳ ଥିବାରୁ ଯାତ୍ରୀମାନେ ପିଇବା ପାଣି ପାଇଁ ହଟହଟାର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ମରାମତି ଅଭାବରୁ ଏବେ ନଳକୂପ ଚତୁଃପାର୍ଶ୍ୱ ଘାସଲଟାରେ ପରିପୂର୍ଣ୍ଣ ହୋଇ ଯାଇଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

## ଚାଲାଣ ବେଳେ ଆଠ ଦାଦନ ଶ୍ରମିକ ଉଦ୍ଧାର



**ଖପ୍ରାଖୋଲ,୨୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ବେଆଇନଭାବେ ଚାଲାଣ କରାଯାଉ ଥିବାବେଳେ ୮ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ଜଣେ ମଧ୍ୟସ୍ଥଙ୍କୁ ଗିରଫ କରାଯାଇଛି। ଏକ ଅଟୋରେ ଶ୍ରମିକମାନେ ଯାଉଥିବାବେଳେ ମହୁଲୁଣ୍ଡି ନିକଟରେ ପାଟ୍ରୋଲିଂ ପୋଲିସ ଅଟକାଇ ପଚରାଉଚରା କରିଥିଲା। ଏଥିରୁ ସମସ୍ତ ଶ୍ରମିକ ନୂଆପଡା ଜିଲା କୋମନା ଥାନା ଅଞ୍ଚଳର ବୋଲି ଜଣା ପଡିଥିଲା। ଲାଠୋର ଥାନା ସାନଗୁର୍ଜିଭଟା ଗାଁର ରମାକାନ୍ତ ଭୋଇ ନାମକ ଜଣେ ମଧସ୍ଥଙ୍କ ଜରିଆରେ ପାଟଣାଗଡ ଥାନା ଖଲିପଥରର ଚୌଧୁରି କୁମ୍ଭାର ପାଖକୁ ଯାଉଥିବା ଶ୍ରମିକମାନେ କହିଥିଲେ। ବିନା କାଗଜପତ୍ରରେ ଚାଲାଣ ହେଉଥିବାରୁ ସମସ୍ତ ଶ୍ରମିକଙ୍କୁ ପୋଲିସ୍ ଉଦ୍ଧାର କରିଥିଲା। ଏକ ମାମଲା(୧୬୩/୨୧) ରୁଜୁ କରି ମଧସ୍ଥ ରମାକାନ୍ତ ଭୋଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ଏଏସଆଇ ସେବନ କେର୍କେଟା କହିଛନ୍ତି। ଉଦ୍ଧାର ଶ୍ରମିକମାନଙ୍କୁ ପରେ ସେମାନଙ୍କ ଗାଁକୁ ପଠାଇ ଦିଆଯାଇଥିବା ପୋଲିସ କହିଛି।

## ଆଞ୍ଚଳିକ କୁଳୁତା ସମାଜର ନୂତନ କାର୍ଯ୍ୟକର୍ତ୍ତା

**ଦେଓଗାଁ,୨୧।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଉପରଝର ଆଞ୍ଚଳିକ କୁଳୁତା ସମାଜର ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଯାଇଛି। ନୂତନ କମିଟି ସଭାପତିଭାବେ ସୁବାଷ ବିଶ୍ୱାଳ, ସମ୍ପାଦକ ସୂର୍ଯ୍ୟମଣୀ ବୁଢ଼ିଆ, ଉପସଭାପତି ବାଞ୍ଛାନିଧି ସାହୁ, କୋଷାଧକ୍ଷ ରାଜେନ୍ଦ୍ର ବିଶ୍ୱାଳ, ଯୁଗ୍ମ ସମ୍ପାଦକ କୁବେର ପଧାନ ପ୍ରମୁଖ ମନୋନୀତ ହୋଇଛନ୍ତି। ଜିଲା ସଭ୍ୟ ପଙ୍କଜ ପଧାନ, ଉପଦେଷ୍ଟା କମିଟିରେ କଳାକାହ୍ନୁ ସାହୁ, ଧର୍ମୁ ପଧାନ, ରାମଚନ୍ଦ୍ର ସାହୁ, ବୁଡୁ ପଧାନ, ନେହେରୁ ବିଶ୍ୱାଳ, ମହିଳା ସଭ୍ୟା ସୁଭଦ୍ରା ପଧାନ, ରଚନା ବାରିକ, ଦେବକୀ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଛି। ବୈଠକରେ କୁଳୁତା ସମାଜ ସାଂଗଠନିକ ଓ ସାମାଜିକ ବୈଷମତା ଦିଗରେ କାର୍ଯ୍ୟ କରି ଆଞ୍ଚଳିକ ସଂଘକୁ ଜିଲାସ୍ତରରେ ଶୃଙ୍ଖଳିତ ସଂଘ ଭାବେ ଗଢ଼ି ତୋଳିବା ପାଇଁ ଶପଥ ନେଇଥିଲେ। ରାଧାକାନ୍ତ ପଧାନ, ଶିବ ପ୍ରସାଦ ବାରିକଙ୍କ ସମେତ ଆଞ୍ଚଳିକ ସଂଘର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ପାଠପଢ଼ା ପୂର୍ବରୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ବରଗଡ଼ ଅଫିସ୍,୨୧।୧୦**

ରାଜ୍ୟ ସରକାରଙ୍କ ନିଷ୍ପତ୍ତିକ୍ରମେ ଗୁରୁବାର ବିଭିନ୍ନ କଲେଜର ଏକାଦଶ ଶ୍ରେଣୀର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବରଗଡ଼ ଜିଲାର ବିଭିନ୍ନ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସହିତ ବିଭିନ୍ନ ପରାମର୍ଶ ଦିଆଯାଇଥିଲା। ଅତାବିରା ବ୍ଲକ ଲରମ୍ଭା କଲେଜରେ ଅଧ୍ୟକ୍ଷ ଡଃ ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଉପସ୍ଥିତ ନବାଗତ ଛାତ୍ରୀଛାତ୍ର, ଅଭିଭାବକ ପରିଚୟ ପ୍ରଦାନ କରିବା ସହିତ କଲେଜର ଅଧ୍ୟାପିକା, ଅଧ୍ୟାପକଙ୍କ ସହିତ ଭାବ ବିନିମୟ କରିଥିଲେ। କରୋନା ଗାଇଡ୍‌ଲାଇନ୍ ଅନୁଯାୟୀ, ମାସ୍କ ପିନ୍ଧିବା, ସାମାଜିକ ଦୂରତା



ବରଗଡ଼ ମହିଳା କଲେଜରେ ଜଣେ ଅଧ୍ୟାପିକା ଛାତ୍ରୀମାନଙ୍କୁ ପରାମର୍ଶ ଦେଉଛନ୍ତି।

ଅବଲମ୍ୱନ, ଶିକ୍ଷା ପଦ୍ଧତି ଓ ପରୀକ୍ଷା ପରିଚାଳନା, ସାନିଟାଇଜେଶନ, ୟୁନିଫର୍ମ ପିନ୍ଧିବା ଉପରେ ଆଲୋଚନା ସହିତ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ୩ଟି ପର୍ଯ୍ୟାୟରେ ବୈଠକ ହୋଇଥିବାବେଳେ ବିଜ୍ଞାନ ବିଭାଗର ୮୦, କଳା ବିଭାଗର ୧୬୦ ଏବଂ ବାଣିଜ୍ୟ ବିଭାଗର ୬୧ଜଣ ଛାତ୍ରୀଛାତ୍ର ସେମାନଙ୍କ ଅଭିଭାବକଙ୍କ ସହିତ ଉପସ୍ଥିତ ଥିଲେ। ସେହିପରି ବରଗଡ଼ ମହିଳା ମହାବିଦ୍ୟାଳୟରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପତିତପାବନ ସାହୁ ସଭାପତିତ୍ୱ କରିଥିଲେ। ସହକାରୀ ପ୍ରଫେସର ସୁବଳ ମେହେର କଲେଜ ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଶେଷନ ବିଶି ଆଗାମୀ ଦିନରେ ହେବାକୁ ଥିବା ପରୀକ୍ଷା, ଏହାର ଢ଼ାଞ୍ଚା, ୩୦ ପ୍ରତିଶତ ପରୀକ୍ଷା ପାଠ୍ୟକ୍ରମ ହ୍ରାସ ସମେତ ପରୀକ୍ଷା ସମ୍ପର୍କୀତ ଅନ୍ୟାନ୍ୟ ସୂଚନା ଦେଇଥିଲେ। ସହକାରୀ ପ୍ରଫେସର ଉମେଶ ଚନ୍ଦ୍ର ମହାପାତ୍ର, ଏନ୍‌ସିସି ଅଫିସର ଡଃ ନୀଳିମା ମେହେର, ଅଧ୍ୟାପିକା ସୁଶ୍ରୀ ଦିଲରାଜ ପୁଆଲା, ଅଧ୍ୟାପକ ସୁରେଶ କୁମାର ମାଝୀ, ଅଧ୍ୟାପିକା ବନୁଜା ମେହେର, ରୋଶନୀ ତିର୍କୀ, ଗୀତା ପାଣ୍ଡେ, ସୁଜାତା ବେହେରା, ଅନିନ୍ଦିତା ନନ୍ଦ, କାଜଲ କୁଣ୍ଡୁ ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେବା ସହିତ କଲେଜ ଏବଂ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପିକା ଡଃ ସସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ସରପଞ୍ଚଙ୍କ ନାବାଳକ ପୁଅ ମୃତ

**ପାଇକମାଳ,୨୧।୧୦(ଡି.ଏନ.ଏ)**

ବରଗଡ ଜିଲା ପାଇକମାଳ-ପଦ୍ମପୁର ବିଜୁ ଏକ୍ସପ୍ରେସ ୱେର ମଲଦା ନିକଟରେ ଟାଟା ଏସିଇ ଧକ୍କାରେ ଭେଙ୍ଗରାଜପୁର ସରପଞ୍ଚଙ୍କ ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରିତମ ସାହୁ (୧୦)। ସେ ଗୁରୁବାର ଅପରାହ୍ନରେ ମଲଦା ବନ୍ଧରେ ଗାଧୋଇ ଘରକୁ ଯିବା ପାଇଁ ରାସ୍ତା ପାର ହେଉଥିଲେ। ଏହି ସମୟରେ ପଦ୍ମପୁର ପଟରୁ ଆସୁଥିବା ଏକ ଟାଟା ଏସିଇ (ନଂ.ଓଡି୧୭ଭି/୧୨୦୦) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପଦ୍ମପୁର ସରକାରୀ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାକୁ ନେଇ ମଲଦାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପାଇକମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଧକ୍କା ଦେଇଥିବା ଗାଡିକୁ ଥାନାକୁ ଆଣିଥିଲା। ପରେ ଗାଡି ଚାଳକ ଅଇଁଠାପାଲି ଥାନା କଇସିର ଗ୍ରାମର ରାଜେନ୍ଦ୍ର କୁମ୍ଭାରଙ୍କୁ ଗିରଫ କରି ପଦ୍ମପୁର କୋର୍ଟକୁ ଚାଲାଣ କରିଥିଲା। ଏ ନେଇ ପାଇକମାଳ ଥାନାରେ ଏକ ମାମଲା (ନଂ.୨୧୨/୨୧) ରୁଜୁ ହୋଇଛି।

## ଦେମୂଳ ପଡ଼ିଆରେ ପୂଜା ପାଇଲେ ମା'ମାହେଶ୍ୱରୀ

**ଅମରପାଲି,୨୧।୧୦(ଡି.ଏନ.ଏ.)**

ବୀରମହାରାଜପୁର ଉପଖଣ୍ଡର ସର୍ବପୁରାତନ ମାହେଶ୍ୱରୀ ପୀଠ କାନପୁରଠାରେ ଦେବୀ ମାହେଶ୍ୱରୀଙ୍କ ପ୍ରସିଦ୍ଧ ଅଶିନ ପୁନି ଯାତ୍ରା କରୋନା କଟକଣା ମଧ୍ୟରେ ବୁଧବାର ଠାରୁ ଆରମ୍ଭ ହୋଇଛି। କେଉଁ ଆବାହମାନ କାଳରୁ ପାଳିତ ହୋଇଆସୁଥିବା ଏଠାକାର ଏହି ଯାତ୍ରା ସକାଶେ ଦେବୀ ମାହେଶ୍ୱରୀ ଗମ୍ଭିରାରୁ ବାହାରି ମନ୍ଦିର ସମ୍ମୁଖସ୍ଥ ପୂଜା ମଣ୍ଡପକୁ ବିଜେ କରିଥିଲେ। ଏହି ଅବସରରେ ପାରମ୍ପାରିକ ଢୋଲ, ନିଶାନ ଓ ମହୁରୀର ନିନାଦରେ ପୀଠସ୍ଥଳ ଉତ୍ସବ ମୁଖରିତ ହୋଇଥିଲା। ତିନିଦିନଧରି ଅନୁଷ୍ଠିତ ହେଉଥିବା ଏହି ଯାତ୍ରା ସକାଶେ ପୀଠ ତଥା ପୂଜା ମଣ୍ଡପକୁ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଛି। ପରମ୍ପରା ମତେ ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀରେ ମନ୍ଦିର ସମ୍ମୁଖସ୍ଥ ପୂଜା ମଣ୍ଡପ ଉପରେ ଦେବୀଙ୍କ ଅଧିବାସ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ପୂର୍ଣ୍ଣମୀ ତିଥିରେ ଦେବୀ ମାହେଶ୍ୱରୀ ଆଲମ, ଛତିଛତ୍ର, ବାନା,



କାନପୁରର ମା'ମାହେଶ୍ୱରୀ ଦେମୂଳ ପଡିଆକୁ ବିଜେ କରୁଛନ୍ତି।

### କାନପୁରଠାରେ ଅଶିନ ପୁନି ଯାତ୍ରା

ବଇରଖ ଆଦି ସହ ନିକଟସ୍ଥ ଦେମୂଳ ପଡିଆ (ଯାତ୍ରା ପଡିଆ)କୁ ଗମନ କରିଥିଲେ। ଏହି କ୍ରମରେ ଦେବୀ ମାହେଶ୍ୱରୀଙ୍କୁ ପାରମ୍ପରିକ ବାଡ଼ି ଖେଳ ପ୍ରଦର୍ଶିତ କରି ଏକ ଶୋଭାଯାତ୍ରାରେ ଦେମୂଳ ପଡିଆକୁ ନିଆଯାଇଥିଲା। ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା। ଦେବୀ ମାହେଶ୍ୱରୀ, ପରମେଶ୍ୱରୀ, ନାରାୟଣୀ, ଚାମୁଣ୍ଡା, ନରଘଣ୍ଟା ଓ ଖମ୍ଭେଶ୍ୱରୀ ଆଦି ବିଭିନ୍ନ ରୂପରେ ଏଠାରେ ପୂଜା ପାଇ ଥାଆନ୍ତି। କାନପୁର ଭଳି ବୀରମହାରାଜପୁର ଉପଖଣ୍ଡର ପଲାସ, ଯାଲୋଏ ଏବଂ ଅମୁର୍ଡାଠାରେ ମଧ ଦେବୀ ମାହେଶ୍ୱରୀଙ୍କ ଅଶିନ ପୁନି ଯାତ୍ରା ଅନୁଷ୍ଠିତ ହେଉଥିବା ଜଣାଯାଇଛି।

## ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ

**ବୌଦ୍ଧ,୨୧।୧୦(ସ୍ୱ.ପ୍ର.)**

### ମମିତା ମେହେର ହତ୍ୟା ଘଟଣା

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ଏକ ଘରୋଇ ବିଦ୍ୟାଳୟର ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବୌଦ୍ଧ ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଦିନ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମଧାହ୍ନରେ ଜିଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ ଆଇନ ସେଲ କାର୍ଯ୍ୟାଳୟଠାରୁ ଶୋଭାଯାତ୍ରା ବାହାରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ମହିଳା କଂଗ୍ରେସର ସଭାପତି କବିତା ମହାକୁଡଙ୍କ ସମେତ ଦଳୀୟ କର୍ମୀମାନେ ଏଥିରେ ସାମିଲ ହୋଇ ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବା ସହ ଘଟଣାର ସିବିଆଇ ତଦନ୍ତ ପାଇଁ ଦାବି କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲା ମହିଳା କଂଗ୍ରେସ ପକ୍ଷରୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଜରିଆରେ ଏକ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏଥିରେ ଜିଲା କଂଗ୍ରେସ ଉପସଭାପତି ସମରେଶ ମିଶ୍ର, କୋଷାଧକ୍ଷ ପ୍ରଦୀପ କୁମାର ଦାସ, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କୁମାର କର୍ଣ୍ଣ, ବେଣୁଧର ମେହେର, ତାରେଣି ଜେନା, ଅର୍ଜୁନ ମହାନନ୍ଦିଆ ଓ ଗଣେଶ ଅଗ୍ରୱାଲା ପ୍ରମୁଖ ସାମିଲ ହୋଇଥିଲେ।

## କଫ ସିରପ୍ ବୋଝେଇ ବୋଲେରୋ ଜବତ

**ବରଗଡ଼ ଅଫିସ୍,୨୧।୧୦**

ବରଗଡ଼ ଜିଲା ଭଟଲି ଥାନା ପୋଲିସ କଫ ସିରପ୍ ବୋଝେଇ ଏକ ବୋଲେରୋ (ନଂ.ଓଡ଼ି୧୭ଆର/୩୬୪୨)କୁ ଜବତ କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବରଗଡ଼ ଟାଉନ ଥାନା ଅନ୍ତର୍ଗତ ଖଜୁରଟିକ୍ରା ନିବାସୀ ସଚିନ ମିଶ୍ର(୨୩)। ତାଙ୍କ ପାଖରୁ ୧୦୩ ବୋତଲ କଫ ସିରପ୍, ଏକ ପ୍ଲାଷ୍ଟିକ ଜାରକିନରେ ଭର୍ତ୍ତି ହୋଇଥିବା ୨୦ଲିଟର ମିଶ୍ରିତ କଫ ସିରପ୍, ୨ଷ୍ଟ୍ରିପ୍ ନିଶା ଟାବଲେଟ୍, ଗୋଟିଏ ମୋବାଇଲ ଜବତ ହୋଇଛି। ଗତ ୧୯ତାରିଖରେ ଗାଡ଼ି ଯାଞ୍ଚବେଳେ ସେ ଧରାପଡ଼ିଥିବା ପୋଲିସ ସୂଚନା ଦେଇଛି। ତାଙ୍କ ବିରୋଧରେ ଭଟଲି ଥାନାରେ ଏକ ମାମଲା (ନଂ.୨୦୪/୨୧) ରୁଜୁ ହୋଇଛି।

## ମମିତାଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଜୁନାଗଡରେ ଭାଜପାର କ୍ୟାଣ୍ଡେଲ ଶୋଭାଯାତ୍ରା।

**ଜୁନାଗଡ଼,୨୧।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାର ନ୍ୟାୟ ଦାବିରେ ଗୁରୁବାର ସନ୍ଧ୍ୟାରେ ଜୁନାଗଡ ଭାଜପା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଏଥିରେ ସ୍ଥାନୀୟ ଭାଜପା କାର୍ଯ୍ୟାଳୟରୁ ଲଙ୍କେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ୨ କି.ମି. ଦଳୀୟ କର୍ମକର୍ତ୍ତା କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ। ଏଥିରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ଜିଲା ପୌରାଞ୍ଚଳ ସଂଯୋଜକ ମୁକେଶ ଅଗ୍ରୱାଲ, ଜୁନାଗଡ ବ୍ଲକ ଅଧକ୍ଷା ନୁର୍ଯ୍ୟ ମାଝି, ଉପାଧକ୍ଷ ଟଙ୍କଧର ନାଏକ, ରାଜ୍ୟ ସମ୍ପାଦିକା ଶର୍ମିଷ୍ଠା ମେହେର, ଜିଲା ଉପସଭାପତି ଅଜୟ ପାଣିଗ୍ରାହୀ, କାଳୀପ୍ରସାଦ ରାୟଗୁରୁ, ଜିଲା ସମ୍ପାଦକ ସତ୍ୟ ରଞ୍ଜନ ବେହେରା, ଜୁନାଗଡ ନଗର ସଭାପତି ଶିବରାମ ରାଉତ, ଜିଲା ଯୁବମୋର୍ଚ୍ଚା ସମ୍ପାଦକ ଦିବ୍ୟ ଦୀପ, ସୋସିଆଲ ମିଡିଆ ସଂଯୋଜକ ରାମକୃଷ୍ଣ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ଦେଶୀମଦ ଚାଲାଣ, ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ୍,/ପଦ୍ମପୁର,୨୧।୧୦**

ବରଗଡ଼ ଜିଲା ପଦ୍ମପୁର ଥାନା ପୋଲିସ ମଦ ଚୋରାଚାଲାଣ ଉପରେ ଧରପଗଡ଼ କରିଛି। ଗୁରୁବାର ପୋଲିସ ପୃଥକ ୨ଟି ସ୍ଥାନରେ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ଥାନା ଚାରପାଲି ଗ୍ରାମର ବୁଦ୍ଧଦେବ ବେହେରା(୩୨) ଓ କିଶୋର ବେହେରା(୩୫)। ସେମାନଙ୍କଠାରୁ ଟ୍ୟୁବରେ ଭର୍ତ୍ତି ହୋଇଥିବା ୫୦ଲିଟର ଲେଖାଏଁ ଦେଶୀମଦ ଜବତ ହୋଇଛି। ଏହାସହିତ ୨ଟି ବାଇକ୍ (ନଂ.ଓଡ଼ି୧୨ସି/୦୨୨୬ ଓ ନଂ.ଓଡ଼ି୧୭/୮୯୭୨) ଜବତ ହୋଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି। ଏ ନେଇ ପଦ୍ମପୁର ଥାନାରେ ପୃଥକ୍ ୨ଟି ମାମଲା (ନଂ.୨୩୭ ୨୧ ଓ ନଂ.୨୩୮/୨୧) ରୁଜୁ ହୋଇଛି।

## ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ ମନାସିଲେ



ଜରାସିଂହା କଲେଜରେ ସ୍ୱାଗତ ସମାରୋହରେ ଉପସ୍ଥିତ ଛାତ୍ରୀଛାତ୍ର।

**ଦେଓଗାଁ,୨୧।୧୦(ଡି.ଏନ.ଏ.)**

### ଜରାସିଂହା କଲେଜରେ ସ୍ୱାଗତ ସମାରୋହ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ଯୁକ୍ତଦୁଇ ମାଧମିକ ଉଚ୍ଚବିଦ୍ୟାଳୟରେ ଗୁରୁବାର ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ବସନ୍ତ କୁମାର ମନହୀରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ଏକାଦଶ ଶ୍ରେଣୀର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏହି ସମାରୋହରେ ଉପସ୍ଥିତ ଅଧାପକମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ଚରିତ୍ର ଗଠନ, ଶୃଙ୍ଖଳା, ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରି ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ ପାଇଁ ସଚେତନ କରିଥିଲେ। କଳା, ବାଣିଜ୍ୟ ଓ ବୈଷୟିକ ବିଭାଗ ଛାତ୍ରୀଛାତ୍ରମାନେ ଏହି ଅବସରରେ ଉପସ୍ଥିତ ରହି ନିଜ ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଅଚ୍ୟୁତରାମ ମେହେର, ଗୋବିନ୍ଦ ମେହେର, ଧୋବାଇ ଚରଣ ପଟେଲ, ବିମଳ କିଶୋର ସାହୁ, ଦୁର୍ବାଦଳ ଘିବେଲା ଓ କର୍ମଚାରୀ ସହଯୋଗ କରିଥିଲେ।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ନୂଆପଡ଼ା ଅଫିସ,୨୧।୧୦**

କଳାହାଣ୍ଡି ଜିଲା କେଗାଁ ଥାନା ମହାଲିଙ୍ଗସ୍ଥିତ ଏକ ଘରୋଇ ସ୍କୁଲ ଅଧକ୍ଷା ମମିତା ମେହେରଙ୍କ ଅପହରଣ ଓ ହତ୍ୟା ଘଟଣାରେ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ବହିଷ୍କାର, ତୈଳଦର ଓ ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧି ପ୍ରତିବାଦରେ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ବିକ୍ଷୋଭ ପ୍ରଦର୍ଶନ କରିଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସ୍ୱାଧାଦେବ ସିଂଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲା ଛାତ୍ର କଂଗ୍ରେସ ସଇଭାପତି ଅମିତାଭ ପଟେଲଙ୍କ ନେତୃତ୍ୱରେ ଛାତ୍ର କଂଗ୍ରେସ ପ୍ରଭାରୀ ହାର୍ଦ୍ଦିକ ମହାପାତ୍ର, ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝି, ନୂଆପଡା ବିଧାନ ସଭା ଯୁବ କଂଗ୍ରେସ ସଭାପତି ଶାହରୁଖ ଖାନ, ନୂଆପଡା ବ୍ଲକ କଂଗ୍ରେସ ସଭାପତି ଜଗଜୀଶ ସାହୁ, ସଦର ଏନ୍‌ଏସି କଂଗ୍ରେସ ସଭାପତି କୂଳଦୀପ ସୁରଜ, ଇଶାକ ମହମ୍ମଦ, ଛାତ୍ରନେତା ରାହୁଲ ଯାଦବ, ଅବତାଭ ଖାନ, ଅଜୟ କୁମାର ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା ଛାତ୍ର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## କଂଗ୍ରେସର ବିକ୍ଷୋଭ, ଥାନା ଘେରାଉ




ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା।

**ବଲାଙ୍ଗୀର ଅଫିସ,୨୧।୧୦**

### ମମିତା ମେହେର ହତ୍ୟା ଘଟଣାର ପ୍ରତିବାଦ

ମମିତା ମେହେର ହତ୍ୟା ଘଟଣାର ପ୍ରତିବାଦରେ ବଲାଙ୍ଗୀର ଜିଲା କଂଗ୍ରେସ କମିଟି ପକ୍ଷରୁ ଗୁରୁବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଟାଉନ୍ ଥାନା ଘେରାଉ କରାଯାଇଥିଲା। ମା' କୁ ସମ୍ମାନ ଓ ଗାଁକୁ କାମ ନାରା ଦେଉଥିବା ଏହି ସରକାର ଏବଂ ତାର ମନ୍ତ୍ରୀମାନେ ମା'ଙ୍କ ସମ୍ମାନ ଜାଗାରେ ହତ୍ୟା, ବଳାତ୍କାର, ବ୍ୟଭିଚାର, ଯୌନ ଉତ୍ପୀଡନ ଭଳି ସଙ୍ଗୀନ କାମରେ ଲିପ୍ତ ଥିବା ଅଭିଯୋଗ କରାଯାଇଥିଲା। ମମିତା ହତ୍ୟା ଘଟଣା ସ୍ପଷ୍ଟଭାବେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସମ୍ପୃକ୍ତିକୁ ସୂଚାଉଛି। ଏହି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ, ନଚେତ ମୁଖ୍ୟମନ୍ତ୍ରୀ ତାଙ୍କୁ ବରଖାସ୍ତ କରନ୍ତୁ ବୋଲି ଦାବି କରିଥିଲେ। ଜିଲା କଂଗ୍ରେସ କମିଟି ସଭାପତି ଦିଲୀପ ବେହେରାଙ୍କ ଅଧକ୍ଷତା କରି ଏହି ଘଟଣା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଗୃହରାଷ୍ଟ୍ର ମନ୍ତ୍ରୀ ସମ୍ପୂର୍ଣ୍ଣ ଉତ୍ତରଦାୟୀ ବୋଲି କହିଥିଲେ। ଯଦି ମନ୍ତ୍ରୀ ଏହି ଘଟଣାରେ ଇସ୍ତଫା ନ ଦିଅନ୍ତି ତେବେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସେ କହିଛନ୍ତି। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ଗୃହରାଷ୍ଟ୍ର ମନ୍ତ୍ରୀଙ୍କୁ ଗିରଫ କରିବା ଦାବିରେ ଥାନା ଘେରାଉ କରାଯାଇଥିଲା। ବିକ୍ଷୋଭ ସମାବେଶରେ ନାରୀ ନେତ୍ରୀ ସାଇନ ବେଗମ, ରଞ୍ଜିତା ପୁଟେଲ, ଦମୟନ୍ତୀ ବଘାର, ମୀରା ମଣ୍ଡଳ, ଅସୀତ ମିଶ୍ର, ଚଗଲା ପରିଚ୍ଛା, ମନୀଷ ମିଶ୍ର, ଉମାଶଙ୍କର ପଣ୍ଡା, ସାନନ୍ଦ ମିଶ୍ର, ସନ୍ତକ ବହିଦାର, ବୁଲୁ ଦାନି, ଅଜୟ ବାଲି, ରାମ ମିଶ୍ର, ପ୍ରେମ ମିଶ୍ର, ଅଙ୍କିତ ସାହୁ ପ୍ରମୁଖ ସରକାରଙ୍କ ନାରୀ ନିର୍ଯାତନାକୁ ନେଇ ବର୍ଷିଥିଲେ।

## ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ

### ଡୁଙ୍ଗୁରିପାଲି ମହାବିଦ୍ୟାଳୟ

**ଡୁଙ୍ଗୁରିପାଲି,୨୧।୧୦(ଡି.ଏନ.ଏ.)**

ଡୁଙ୍ଗୁରିପାଲି ଯୁକ୍ତ ଦୁଇ କଲେଜରେ ଗୁରୁବାର ଛାତ୍ରୀଛାତ୍ରଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଅଧକ୍ଷ ଅକ୍ଷୟ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ରସାନନ୍ଦ ଥପା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କଲେଜ ଅଧକ୍ଷ ପାତ୍ର ଉତ୍ସବର ଅଭିମୁଖ୍ୟ ଓ ନୂତନ ଶିକ୍ଷା ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାଧାପକ ହରିହର ଦାସ, ଅଧାପକ ଯୋଗେନ୍ଦ୍ର ସାହୁ, ସୁବଚନ୍ଦ୍ର ଭୁଏ, ଖଗେଶ୍ୱର ସେଠ, ରୁବି ହୋତା ଛାତ୍ରୀଛାତ୍ରୀଙ୍କୁ ଶୃଙ୍ଖଳା, ଜୀବନର ଲକ୍ଷ୍ୟ, କୋଭିଡ ନିୟମ ସମ୍ପର୍କରେ କହିଥିଲେ। ଅଭିଭାବକମାନେ ମହାବିଦ୍ୟାଳୟ ତଥା ଛାତ୍ରୀଛାତ୍ରଙ୍କ ବିକାଶ ଦିଗରେ ନିଜର ସୁଚିନ୍ତିତ ମତ ଦେଇଥିଲେ। ଉତ୍ସବରେ ସରୋଜ କୁମାର ବିଶ୍ୱାଳ, ଶୈଳେଶ କୁମାର ଶତପଥୀ, ଦୁର୍ବାଦଳ ମେହେର, ଅଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷଣ ଭୁଏ ଧନ୍ୟବାଦ ଦେଇଥିଲେ।